# ବୋଟିଂ, ଝୁଲନ୍ତା ପୋଲର ମଜା ନେଉଛନ୍ତି ପର୍ଯ୍ୟଟକ

■ସାନଘାଗରା, ବଡ଼ଘାଗରାରେ ଜମୁଛି ଭିଡ଼

■ଆକର୍ଷିତ କରୁଛି ଜଙ୍ଗଲଘେରା ପ୍ରାକୃତିକ ପରିବେଶ

କେନ୍ଦୁଝର,୨୯।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

ଶୀତଦିନ ଆସିଲେ କେନ୍ଦୁଝର ଜିଲାକୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥାଏ। ଜିଲାର ପ୍ରାକୃତିକ ପରିବେଶ ଓ ପର୍ଯ୍ୟଟନ କେନ୍ଦ୍ର ରାଜ୍ୟ ତଥା ରାଜ୍ୟ ବାହାରର ପର୍ଯ୍ୟଟକଙ୍କୁ ବେଶ୍ ଆକୃଷ୍ଟ କରିଥାଏ। ତନ୍ମଧ୍ୟରୁ ରାଜ୍ୟ ପ୍ରସିଦ୍ଧ ଟୁଇନ୍ ଜଳପ୍ରପାତ ନାମରେ ପରିଚିତି ସାନଘାଗରା ଓ ବଡ଼ଘାଗରାରେ ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଲକ୍ଷାଧିକ ପର୍ଯ୍ୟଟକ ଏଠାରେ ଭୋଜିଭାତ କରିବା ସହ ବୋଟିଂରେ ଜଳକ୍ରୀଡ଼ାର ମଜା ନେଉଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ୨ ପର୍ଯ୍ୟଟନ କ୍ଷେତ୍ରର ଉନ୍ନତୀକରଣ କରାଯାଇଥିବାରୁ ପର୍ଯ୍ୟଟକ ଖୁସି ବ୍ୟକ୍ତ କରୁଛନ୍ତି।

ପ୍ରକାଶ ଯେ, କେନ୍ଦୁଝର ସହରଠାରୁ ମାତ୍ର ୬ କି.ମି. ଦୂର ଜାତୀୟ ରାଜପଥ ୪୯ (ପୂର୍ବରୁ ଏନ୍ଏଚ୍ ୬) କଡ଼ରେ ଜୁଡ଼ିଆଘାଟି ନିକଟ ଅଞ୍ଚାର ଗ୍ରାମରେ ପ୍ରାକୃତିକ ସୌନ୍ଦର୍ଯ୍ୟପରିପୂର୍ଣ୍ଣ ସାନଘାଗରା ଜଳପ୍ରପାତ ରହିଛି। ସେଠାରୁ ମାତ୍ର ୫ କି.ମି. ଦୂରରେ ବଡ଼ଘାଗରା ଜଳପ୍ରପାତ ଅବସ୍ଥିତ। ଉଭୟ ସାନ ମାଛକାନ୍ଦଣା ନଦୀର ତଳସ୍ତରରେ ରହିଥିବାରୁ ପର୍ଯ୍ୟଟକ ଟୁଇନ୍ ଜଳପ୍ରପାତ କହୁଛନ୍ତି। ସାନଘାଗରାରେ ନଦୀର ଜଳ ପ୍ରବାହିତ ହୋଇ ଏକ ବିଶାଳକାୟ ପ୍ରସ୍ତର ଉପରୁ ଖସି ଏକ ପଥର ଚଟାଣରେ ପଡୁଛି। ଏହି ଜଳ ତଳକୁ ୨ ପାହାଡ଼ ମଧ୍ୟରେ କୁଳୁକୁଳୁ ହୋଇ ବୋହିଯାଇ ରୋମାଞ୍ଚକର ଦୃଶ୍ୟ ସୃଷ୍ଟି କରିଥାଏ। ସେହିପରି ବଡ଼ଘାଗରାରେ ନଦୀର ଜଳ ତଳକୁ ଖସି ଏକ ଜଳଭଣ୍ଡାର ସୃଷ୍ଟି କରିବା ପରେ ତଳକୁ ବୋହିଯାଉଛି। ଜଳପ୍ରପାତର ଘର୍ ଘର୍ ଶବ୍ଦ ଓ ତଳକୁ ବିଛୁରିତ ହୋଇ ପଡୁଥିବା ଜଳର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ବିମୋହିତ କରୁଛି। ଏଠାରେ ସକାଳର ତୀର୍ଯ୍ୟକ ସୂର୍ଯ୍ୟକିରଣ ସୌନ୍ଦର୍ଯ୍ୟକୁ ଦ୍ୱିଗୁଣିତ କରିଥାଏ। ଘଞ୍ଚ ଜଙ୍ଗଲ ପରିବେଷ୍ଟିତ ସାନଘାଗରା ପର୍ଯ୍ୟଟନ କେନ୍ଦ୍ରରେ ବିକାଶ ସାନ ଘାଗରା ଡେଭେଲପମେଣ୍ଟ ସୋସାଇଟି ତଥା ପର୍ଯ୍ୟଟନ ବିଭାଗ ପକ୍ଷରୁ ସବୁଜ ବଗିଚା ଓ ପାର୍କ କରାଯାଇଛି। ସେହିପରି ଛୋଟ ପିଲାମାନଙ୍କ ପାଇଁ ଖେଳ ଉପକରଣ ରହିଛି। ବ୍ୟସ୍ତ ବହୁଳ ସମୟରୁ କ୍ଷାନ୍ତ ହୋଇ ଭୋଜିଭାତ ନାଚଗୀତ କରିବାର ନିଆରା ଅନୁଭୂତି ଅନେକଙ୍କୁ ବାରମ୍ବାର ଏଠାକୁ ଟାଣିଆଣିଥାଏ। ତଳେ ଜଳକ୍ରୀଡ଼ା ପାଇଁ ଏକ କୃତ୍ରିମ ହ୍ରଦ ରହିଛି। ଏହାକୁ ଅନେକ ଲେଖକ କଶ୍ମୀରର ଡାଲ୍ ହ୍ରଦ ସହ ତୁଳନା କରିଥାନ୍ତି। ଏଠାରେ ବୋଟ୍‌ରେ ଜଳକ୍ରୀଡ଼ାର ସୁବିଧା ରହିଛି। ଭିତରେ ଭୋଜିଭାତ ସାଙ୍ଗକୁ ପାର୍କିଂ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ରହିଛି। ସେହିପରି ସାନଘାଗରାରେ ୧ ଫେବୃୟାରୀ ୨୦୧୯ରେ ଏକ ଆଦିବାସୀ ସଂଗ୍ରହାଳୟ ଖୋଲାଯାଇଛି। ସେଠାରେ ଆଦିମ ଜନଜାତି ଜୁଆଙ୍ଗ ଓ ଭୂୟାଁଙ୍କ ପୁରୁଣା ପରମ୍ପରା, ବେଶଭୂଷା ଆଦି ସାଇତି ରଖାଯାଇଛି। ବଡ଼ଘାଗରା କେନ୍ଦ୍ରରେ ଏବେ ଭୋଜିଭାତ କରିବା ପାଇଁ ଏବଂ ସାନମାଛକାନ୍ଦଣା ଡ୍ୟାମ୍ ବୁଲି ଦେଖିବା ପାଇଁ ବ୍ୟବସ୍ଥା କରାଯାଇଛି। ଉଭୟ କେନ୍ଦ୍ରରେ ବିଭିନ୍ନ ପ୍ରକାର ଜୀବଜନ୍ତୁ ଓ ପକ୍ଷୀଙ୍କ କଳାକୃତି ତଥା ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାଆସିବା କରିବା ପାଇଁ କଂକ୍ରିଟର ଚଲାପଥ, ଝୁଲନ୍ତା ପୋଲ, ବିଶ୍ରାମ ପାଇଁ ସେଡ୍ ବା ମଣ୍ଡପ ଓ ଆସ୍ଥାନ, ସେଲ୍‌ଫି ପଏଣ୍ଟ ବ୍ୟବସ୍ଥା କରାଯାଇଛି। ଏହାର ବିକାଶ କାମ ଜାରି ରହିଥିବା ବେଳେ ଏଠାରେ ଉପରୁ ପ୍ରକୃତିର ସୌନ୍ଦର୍ଯ୍ୟ ତଥା ସାନଘାଗରା ଜଳପ୍ରପାତକୁ ଦେଖିବା ପାଇଁ ରୋପ ୱେ ନିର୍ମାଣ କରିବାକୁ ଦାବି ହେଉଛି। ସେହିପରି ବଡ଼ଘାଗରା ନିକଟ ଡ୍ୟାମ୍‌ରେ ନୌବିହାର ବ୍ୟବସ୍ଥା କରାଗଲେ ଅଧିକ ପର୍ଯ୍ୟଟକ ଆସିବେ ବୋଲି ମତପ୍ରକାଶ ପାଉଛି।

ପ୍ରକୃତିପ୍ରେମୀ ତଥା ଗବେଷକ ଡ.ବିଦ୍ୟାଧର ବେହେରା କହିଛନ୍ତି, ହୋଟେଲ ତଥା ଟୁର ଅପରେଟରମାନଙ୍କୁ ସାନଘାଗରା ସହ ଜିଲାରେ ଥିବା ଅନ୍ୟାନ୍ୟ ପ୍ରାକୃତିକ ଜଳପ୍ରପାତ ବିଷୟରେ ଅବଗତ କରାଯିବା ଆବଶ୍ୟକ। ଏହିସବୁ ଅଞ୍ଚଳକୁ ପରିଦର୍ଶନ କରିବା ପାଇଁ ବ୍ୟବସ୍ଥା କରାଗଲେ ସେମାନଙ୍କ ଜରିଆରେ ବହୁ ପର୍ଯ୍ୟଟକ ତଥା ବିଦେଶୀ ପର୍ଯ୍ୟଟକ ଆସିବେ ବୋଲି କହିଥିଲେ। ପର୍ଯ୍ୟଟନ ବିଭାଗ ସହକାରୀ ନିର୍ଦ୍ଦେଶକ ରମେଶ ଚନ୍ଦ୍ର ନାୟକ କହିଛନ୍ତି, ୨ ପର୍ଯ୍ୟଟନ କେନ୍ଦ୍ରର ବିକାଶ ସହ ପର୍ଯ୍ୟଟକଙ୍କ ସୁବିଧା ପାଇଁ ବିଭିନ୍ନ କାର୍ଯ୍ୟ ଜାରି ରହିଛି। ବିଶେଷ କରି ପର୍ଯ୍ୟଟନ ଋତୁରେ ପର୍ଯ୍ୟଟକଙ୍କ ସୁରକ୍ଷା ଓ ଶୃଙ୍ଖଳା ରକ୍ଷା ଉପରେ ଗୁରୁତ୍ୱ ଦିଆଯାଉଛି।


ସାନଘାଗରାରେ ପର୍ଯ୍ୟଟକ ବୋଟିଂ କରୁଛନ୍ତି।


ବଡ଼ଘାଗରାରେ ପର୍ଯ୍ୟଟକମାନେ ଜଳପ୍ରପାତର ମଜା ନେଉଛନ୍ତି।

# ଗର୍ଭବତୀଙ୍କ ମୃତ୍ୟୁ ଅଭିଯୋଗରେ ସ୍ୱାମୀ ଗିରଫ

ଯୋଡ଼ା,୨୯।୧୨(ମାନସ ମହାନ୍ତି)
କେନ୍ଦୁଝର ଜିଲା ବାମେବାରି ଥାନା ଅଞ୍ଚଳରେ ଜଣେ ଗର୍ଭବତୀଙ୍କୁ ଯୌତୁକ ନିର୍ଯାତନା ଯୋଗୁ ମୃତ୍ୟୁ ଅଭିଯୋଗରେ ପୋଲିସ ସ୍ୱାମୀଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ସ୍ୱାମୀ ହେଲେ ପପୁ ବେହେରା। ପପୁ ବେହେରା ଏକ ବର୍ଷ ହେବ ଦମୟନ୍ତୀଙ୍କୁ ବିବାହ କରିଥିଲେ। ଦମୟନ୍ତୀ ୬ ମାସର ଗର୍ଭବତୀ ଥିବା ବେଳେ ଶନିବାର ତାଙ୍କର ମୃତ୍ୟୁ ଘଟିଥିଲା। ଯୌତୁକ ନିର୍ଯାତନାରୁ ମୃତ୍ୟୁ ଘଟିଥିବା ବାପଘର ଲୋକେ ଅଭିଯୋଗ କରିଥିଲେ।

# ଭତ୍ତାରୁ ବଞ୍ଚିତ ସତ୍ୟଭାମା

ଆନନ୍ଦପୁର,୨୯।୧୨(ଉମେଶ ଚନ୍ଦ୍ର ପାଢ଼ୀ): କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ଅନ୍ତର୍ଗତ ହରିଡ଼ାପାଳ ପଞ୍ଚାୟତ ୯ ନଂ. ୱାର୍ଡର ସତ୍ୟଭାମା ମାଝୀ (୬୮) ବିଧବା ଭତ୍ତାରୁ ବଞ୍ଚିତ ରହିଛନ୍ତି। ସ୍ୱାମୀଙ୍କ ମୃତ୍ୟୁର ୧ ବର୍ଷ ପରେ ବି ତାଙ୍କୁ ଭତ୍ତା ମିଳୁପାରୁନାହିଁ। ପଞ୍ଚାୟତ କାର୍ଯ୍ୟାଳୟରେ ଅଭିଯୋଗ ପରେ ବି ନିରାଶ ହୋଇଛନ୍ତି।

ସୂଚନା ଅନୁଯାୟୀ, ସତ୍ୟଭାମାଙ୍କ ସ୍ୱାମୀ ବଳଭଦ୍ର ମାଝୀଙ୍କ ଏକ ବର୍ଷ ପୂର୍ବେ ମୃତ୍ୟୁ ହୋଇଛି। ସ୍ୱାମୀଙ୍କ ମୃତ୍ୟୁ ପରେ ସତ୍ୟଭାମା ପଞ୍ଚାୟତରେ ବିଧବା ଭତ୍ତା ପାଇଁ ଆବେଦନ କରିଥିଲେ। ଆଜି ପର୍ଯ୍ୟନ୍ତ ଭତ୍ତାରୁ ବଞ୍ଚିତ ରହିଛନ୍ତି। ସରକାରଙ୍କ ତରଫରୁ ମାସକୁ ପାଉଥିବା ୫ କିଲୋ ଚାଉଳରେ ଗୁଜୁରାଣ ମେଣ୍ଟାଉଥିବା କହିଛନ୍ତି। ଭତ୍ତା ଯୋଗାଇ ଦେବାକୁ ବାରମ୍ବାର ସରପଞ୍ଚଙ୍କୁ ବିନତି କରି ଆସୁଥିଲେ ମଧ୍ୟ କୌଣସି ଫଳ ମିଳୁନାହିଁ। ହରିଡ଼ାପାଳ ସରପଞ୍ଚ ମିନତୀ ମହାରଣା କହିଛନ୍ତି, ଭତ୍ତା କାହିଁକି ପାଇ ପରିନାହାନ୍ତି ପିଇଓଙ୍କୁ ପଚାରିଲେ ଠିକ୍ ଭାବେ ଜାଣି ପାରିବେ। ପିଇଓ କୁମୁଦିନୀ ଜେନା କହିଛନ୍ତି, ୬ ମାସ ହେଲା ତାଙ୍କର ଭତ୍ତା ପାଇଁ ଉପ ଜିଲାପାଳଙ୍କୁ ଲେଖିକି ଦିଆଯାଇଛି। ଆନନ୍ଦପୁର ଉପ ଜିଲାପାଳ ଫାଲ୍‌ଗୁନୀ ମାଝୀ କହିଛନ୍ତି, ତାଙ୍କର ଦସ୍ତାବିଜ ଆସିଥିବ, ତଦନ୍ତ କରାଯାଇ ଖୁବ୍‌ଶୀଘ୍ର ସମାଧାନ କରାଯିବ।

## ସଂକ୍ଷେପରେ

### ଗଛରେ ପିଟିହେଲା ବାଇକ୍, ଜଣେ ମୃତ

ଯୋଡ଼ା,୨୯।୧୨(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଯୁଗୁଡ଼ି ଧର ରାସ୍ତା କଡ଼ରେ ଏକ ଗଛରେ ବାଇକ୍ ପିଟି ହେବାରୁ ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତର ହୋଇଥିବା ଜଣାପଡ଼ିଛି। ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟା ୬ଟା ୩୦ ମିନିଟ୍ ସମୟରେ ଯୋଡ଼ା ବନେଇକଳା ଅଞ୍ଚଳର ୨ ଛାତ୍ର ଗଣେଶ ମୁଣ୍ଡା ଓ ଆକାଶ ମହାକୁଡ ବାଇକ ଯୋଗେ ଅସେଇଁକଳାରୁ ବନେଇକଳା ଅଭିମୁଖେ ଆସୁଥିଲେ। ଜୁଗୁଡ଼ିଧରଠାରେ ଭାରସାମ୍ୟ ହରାଇ ଏକ ଗଛରେ ବାଇକ୍ ପିଟି ହୋଇଥିଲା। ଗଣେଶ ମୁଣ୍ଡାଙ୍କ ମୃତ୍ୟୁ ଘଟିଥିବା ବେଳେ ଆକାଶ ମହାକୁଡ଼ ଗୁରୁତର ହୋଇଛନ୍ତି। ତାଙ୍କୁ ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଛି। ଅବସ୍ଥା ସଙ୍କଟାପନ୍ନ ହେବାରୁ କେନ୍ଦୁଝର ଡାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

### ଘର ଭାଙ୍ଗିଲେ, ଧାନ ଖାଇଲେ ହାତୀପଲ

ପାଟଣା,୨୯।୧୨(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜରେ ଏକ ୨୬ ଟିକିଆ ହାତୀପଲ ଶନିବାର ରାତିରେ ଆତଙ୍କ ଖେଳାଇଛି। ବ୍ୟାପକ ପନିପରିବା ଚାଷ ନଷ୍ଟ କରିବା ସହ ସାହାରପଡ଼ା ସେକ୍ସନ ଅଞ୍ଚଳରେ ୩ ଘର ଭାଙ୍ଗି ଘର ଭିତରୁ ଧାନ ଓ ଚାଉଳକୁ ଖାଇ ନଷ୍ଟ କରିଦେଇଛନ୍ତି। ହାତୀପଲ ସାହାରପଡା ସେକ୍ସନର ହରିଡ଼ାଗୋଠ ଗ୍ରାମର ଗୋବିନ୍ଦ ଚନ୍ଦ୍ର ମୁଣ୍ଡା, ଗୟଳକୁଣ୍ଡ ଗ୍ରାମର ମାଛୁଆ ମୁଣ୍ଡା ଏବଂ ଖଡ଼ିକାପଦା ଗ୍ରାମର ମାଥା ମୁଣ୍ଡାଙ୍କ ଘର ଭାଙ୍ଗି ଘର ଭିତରୁ ଧାନ ଚାଉଳ ଖାଇ ନଷ୍ଟ କରିଦେଇଛନ୍ତି। ହାତୀପଲ ଦିନ ତମାମ ଭାଗ ଭାଗ ହୋଇ ଉଭୟ ମୟୂରଭଞ୍ଜ ଓ କେନ୍ଦୁଝର ଜିଲା ସୀମାନ୍ତରେ ଘୁରି ବୁଲୁଛନ୍ତି। ହାତୀପଲଙ୍କ ମଧ୍ୟରୁ ୨୦ ହାତୀ ମୟୂରଭଞ୍ଜ ଜିଲା ଟୀକାସିଲ ଜଙ୍ଗଲରେ ଡେରା ପକାଇଥିବା ବେଳେ ୬ ଟିକିଆ ହାତୀପଲ ସାହାରପଡା ସେକ୍ସନ ହରିଡାଗୋଠ ଗାଁ ନିକଟରେ ଡେରା ପକାଇଛନ୍ତି।

### ପୋଲିସ ପକ୍ଷରୁ ଯାଞ୍ଚ କଡ଼ାକଡ଼ି

ଚମ୍ପୁଆ,୨୯।୧୨(ମହେଶ୍ୱର ଦାସ): କେନ୍ଦୁଝର ଜିଲା ଚମ୍ପୁଆ ଅଞ୍ଚଳରେ ପୋଲିସ ପକ୍ଷରୁ ଡ୍ରଙ୍କ୍ ଆଣ୍ଡ ଡ୍ରାଇଭ ଯାଞ୍ଚ ଆରମ୍ଭ କରାଯାଇଛି। ଚମ୍ପୁଆ ଏସ୍‌ଡିପିଓ ବିଜୟ ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ଥାନା ଅଧିକାରିଣୀ ଦେବକୀ ନାଏକଙ୍କ ତତ୍ତ୍ୱାବଧାନରେ ଚଢ଼ାଉ କରାଯାଉଛି। ରବିବାର ସନ୍ଧ୍ୟାରେ ସାତକୁଟିଆ ଛକଠାରେ ସବ୍‌ଇନ୍ସପେକ୍ଟର ଭଜରାଜ ସାହୁ, ଏଏସ୍ଆଇ କିରାନୀ ମହାନ୍ତ, ରେବତୀ ବୁଡ଼ା ପ୍ରମୁଖ ୨ ଚକିଆଠାରୁ ଆରମ୍ଭ କରି ବିଭିନ୍ନ ଗାଡ଼ିଗୁଡ଼ିକର ଡ୍ରାଇଭରଙ୍କୁ ନିଶା ନିରୀକ୍ଷଣ ଯନ୍ତ୍ର ମାଧ୍ୟମରେ ତନଖି କରିଥିଲେ।

# ଝାଡ଼ଖଣ୍ଡକୁ ହରାଇ ବିହାର ବିଜୟୀ


ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଓ ଦୁଇ ଦଳର କ୍ରୀଡ଼ାବିତ୍।

**ମା' ତାରିଣୀ କପ୍ ଆନ୍ତଃରାଜ୍ୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ୍**

ଆନନ୍ଦପୁର,୨୯।୧୨(ସୁଶାନ୍ତ କୁମାର ସାହୁ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ତରତରା ମିନି ଷ୍ଟାଡ଼ିୟମଠାରେ ଚାଲିଥିବା ମା' ତାରିଣୀ କପ୍ ଆନ୍ତଃରାଜ୍ୟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ ରବିବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ ମ୍ୟାଚ ମା' କାମାକ୍ଷାନଗର ବିହାର ଓ ଚକ୍ରଧରପୁର ଝାଡ଼ଖଣ୍ଡ ମଧ୍ୟରେ ଖେଳାଯାଇଥିଲା। ଝାଡ଼ଖଣ୍ଡକୁ ୪-୨ ଗୋଲରେ ହରାଇ ବିହାର ଚାମ୍ପିୟନ ହୋଇଥିଲା। ୨ ଦଳ ନିର୍ଦ୍ଧାରିତ ସମୟରେ ଗୋଲ କରିପାରି ନ ଥିଲେ। ରେଫରୀଙ୍କ ନିଷ୍ପତ୍ତି କ୍ରମେ ଉଭୟ ଦଳ ପାଇଁ ୫ଟି ଲେଖାଏ ପେନାଲ୍‌ଟି ଦିଆଯିବା ପାଇଁ ନିଷ୍ପତ୍ତି ହୋଇଥିଲା। ଟ୍ରାଇବ୍ରେକ୍‌ରେ ବିହାର ବିଜୟୀ ହୋଇଥିଲା। ମୁଖ୍ୟ ଅତିଥିଭାବେ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର, କେନ୍ଦୁଝର ଏମ୍‌ପି ଅନନ୍ତ ନାୟକ ଖେଳାଳିଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ରତ୍ନାକର ବାରିକ ଖେଳ ପରିଚାଳନା କରିଥିବା ବେଳେ ପ୍ରଦୀପ ମହାନ୍ତି, ପ୍ରସନ୍ନ ନାୟକ, ମାନସ ବିଶ୍ୱାଳ ଖେଳ ପରିଚାଳନାରେ ସାହାଯ୍ୟ କରିଥିଲେ। ତରତରା ମା' ତାରିଣୀ ଫୁଟବଲ କ୍ଲବ୍ ପକ୍ଷରୁ ସତ୍ୟବ୍ରତ ନାୟକ, ପ୍ରିୟବ୍ରତ ନାୟକ, ମନ୍ଦର ଜେନା, ରଶ୍ମିରଞ୍ଜନ ନାୟକ, ଜଗନ୍ନାଥ ସାମଲ, ଆକାଶ ନାଇକ, ସୁନୀଲ ସାମଲ, ସୁଶୀଲ ସାମଲ ପ୍ରମୁଖ ସହଯୋଗ କରିଥିଲେ।

# ଯୁବକଙ୍କ ଆତ୍ମହତ୍ୟା, କାରଣ ଅସ୍ପଷ୍ଟ

ଯୋଡ଼ା,୨୯।୧୨(ମାନସ ମହାନ୍ତି): କେନ୍ଦୁଝର ଜିଲା ଯୋଡ଼ା ଥାନା ବିଲେଇପଦା ଫାଣ୍ଡି ଅନ୍ତର୍ଗତ ଯୁଗୁଡ଼ିଧର ମୁଣ୍ଡା ସାହିରେ ଜଣେ ଯୁବକ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ମୃତକ ଗ୍ରାମର ଧିରେନ ମୁଣ୍ଡା (୩୬)। ଶନିବାର ରାତିରେ ଘର ଭିତରେ ଏକ ଗାମୁଛାରେ ଫାଶୀ ଲଗାଇଥିଲେ। ସକାଳେ ପରିବାର ଲୋକେ ଦେଖି ପୋଲିସକୁ ଖବର ଦେଇଥିଲେ। ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ. ୫୨/୨୦୨୪) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇବା ତଦନ୍ତ କରୁଛି।

# ବାର୍‌ହା ଆକ୍ରମଣରେ ୨ ଗୁରୁତର

ପାଟଣା,୨୯।୧୨(ବୀରକିଶୋର ଦାଶ): କେନ୍ଦୁଝର ଜିଲା ପାଟଣା ରେଞ୍ଜ ଡେଣୁଆଁ ଗ୍ରାମରେ ବାର୍‌ହା ଆକ୍ରମଣରେ ରବିବାର ୨ ଜଣ ଗୁରୁତର ହୋଇଛନ୍ତି। ଗୁରୁତର ଦ୍ୱୟ ଉକ୍ତ ଗ୍ରାମର ସୁରେଶ ଚନ୍ଦ୍ର ମହାନ୍ତ(୫୦) ଓ ବିଦ୍ୟୁତ୍ ମହାନ୍ତ(୪୦)। ବାର୍‌ହା ଆକ୍ରମଣରେ ଉଭୟଙ୍କ ଗୋଡ଼, ମୁଣ୍ଡ, ହାତ, ଜଙ୍ଘରେ ଗଭୀର କ୍ଷତ ହୋଇଛି। ଉଭୟଙ୍କୁ ପାଟଣା ବନ ବିଭାଗ ପକ୍ଷରୁ ଗାର୍ଡ ଲକ୍ଷ୍ମୀପ୍ରିୟା ମହାନ୍ତ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଛନ୍ତି। ଉଭୟ ଶୌଚ ହେବା ରବିବାର ଭୋରରୁ ଗାଁ ପୋଖରୀ ଯାଇ ଫେରୁଥିବା ସମୟରେ ବାରାହା ହାବୁଡ଼ରେ ପଡ଼ିଯାଇଥିଲେ। ବନ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ଡାକବାଜି ଯନ୍ତ୍ର ସହାୟତାରେ ଡେଣୁଆଁ ସମେତ ଆଖପଖ ଗ୍ରାମରେ ସଚେତନ କରାଯାଉଛି।

# ମୃତ ଡ୍ରାଇଭରଙ୍କ ପରିବାରକୁ ସହାୟତା


ଡ୍ରାଇଭର ମହାସଂଘର ସଦସ୍ୟମାନେ।

ଆନନ୍ଦପୁର/ ପାଟଣା,୨୯।୧୨(ଉମେଶ ଚନ୍ଦ୍ର ପାଢ଼ୀ/ବୀରକିଶୋର ଦାଶ)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକ୍ ବେଲବାହାଳି ଗ୍ରାମର ଡ୍ରାଇଭର ଅବିନାଶ ବାଇଙ୍କ ଗତ ୧୭ ମୃତ୍ୟୁ ଘଟିଥିଲା। ଶୁକ୍ରବାର ଡ୍ରାଇଭର ମହାସଂଘ ପକ୍ଷରୁ ପରିବାରକୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଅବିନାଶ ବେଲବାହାଳିଠାରୁ କଟକ ଅଭିମୁଖେ ପିକ୍ଅପ୍ ନେଇ ଯାଉଥିବା ବେଳେ କଟକ ଜିଲା ଟାଙ୍ଗୀ ଟୋଲ ପ୍ଲାଜା ନିକଟରେ ଦୁର୍ଘଟଣା ଘଟିଥିଲା। ଅବିନାଶଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଡ୍ରାଇଭରଙ୍କ ଏକାଦଶ କାର୍ଯ୍ୟରେ ଆନନ୍ଦପୁର ବ୍ଲକ୍ ଡ୍ରାଇଭର ସଂଘର ସଭାପତି ସତ୍ୟାନନ୍ଦ ସାହୁ, ବେଲବାହାଳି ଡ୍ରାଇଭର ସଂଘର ସଭାପତି ରବୀନ୍ଦ୍ର ସାହୁ, ସମ୍ପାଦକ ରାଜକିଶୋର ସାହୁ ଏବଂ ବେଲବାହାଳି ଟ୍ରକ ମାଲିକ ସଂଘର କର୍ମକର୍ତ୍ତାମାନେ ସହାୟତା ପ୍ରଦାନ କରିଛନ୍ତି।

ସେହିପରି ପାଟଣା ବ୍ଲକ୍ ପଲାଣଘାଟି ପଞ୍ଚାୟତ କୁମୁଲୁବାଳି ଗ୍ରାମର ଗାଡ଼ି ଚାଳକ ପୀତବାସ ମହାନ୍ତ(୪୨)ଙ୍କ ମାର୍ଚ୍ଚ ୨୮ରେ ବିୟୋଗ ଘଟିଥିଲା। ଶୁକ୍ରବାର ପାଟଣା ବ୍ଲକ୍ ଡ୍ରାଇଭର ମହାସଂଘ ତରଫରୁ ପୀତବାସଙ୍କ ସ୍ତ୍ରୀ ମାଳତୀଙ୍କୁ ଭେଟି ସଂଘ ପକ୍ଷରୁ ପାଟଣା ବ୍ଲକ୍ ସଭାପତି ସଞ୍ଜୟ ଭୂମିଜ ଓ ପାଲାଣ ଘାଟି ପଞ୍ଚାୟତ ସଂଘ ସଭାପତି କେଶବ ଚନ୍ଦ୍ର ମହାନ୍ତ ୪୦ ହଜାର ଟଙ୍କାର ସହାୟତା ଚେକ୍ ପ୍ରଦାନ କରିଛନ୍ତି।

**ହାଟଡ଼ିହୀ ତହସିଲ କାର୍ଯ୍ୟାଳୟ**

# ତହସିଲଦାର, ଅତିରିକ୍ତ ତହସିଲଦାର ପଦବୀ ପୂରଣ ଦାବି

ଛେନାପଦି,୨୯।୧୨(ନିରାକାର ପରିଡ଼ା)

କେନ୍ଦୁଝର ଜିଲା ହାଟଡ଼ିହୀ ତହସିଲ କାର୍ଯ୍ୟାଳୟରେ ତହସିଲଦାର ଓ ଅତିରିକ୍ତ ତହସିଲଦାର ପଦବୀ ଖାଲିପଡ଼ିଛି। ତହସିଲ ଗଠନ ଦିନଠାରୁ ଏଠାରେ କୌଣସି ନା କୌଣସି ଅଧିକାରୀଙ୍କ ପଦବୀ ଖାଲି ରହୁଛି। ଫଳରେ ଜିଲାର ସର୍ବବୃହତ ତହସିଲ କାର୍ଯ୍ୟାଳୟ ହାଟଡ଼ିହୀ ତହସିଲରେ କାର୍ଯ୍ୟ ପାଇଁ ଆସୁଥିବା ଲୋକେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି।

ପ୍ରକାଶ ଯେ, ଉକ୍ତ ତହସିଲ ଅଧୀନରେ ୩୧ ପଞ୍ଚାୟତ ରହିଥିବା ବେଳେ ଦେଢ଼ ଲକ୍ଷରୁ ଊର୍ଦ୍ଧ୍ୱ ଜନସଂଖ୍ୟା ରହିଛି। ପ୍ରତ୍ୟେକ ଦିନ ବିଭିନ୍ନ ସ୍ଥାନରୁ ଅନେକ ହିତାଧିକାରୀ ବିଭିନ୍ନ କାର୍ଯ୍ୟ ନେଇ କାର୍ଯ୍ୟାଳୟକୁ ଆସିଥାଆନ୍ତି। ଅନେକ ସମୟରେ ତହସିଲଦାର ଅନୁପସ୍ଥିତ ରହୁଥିବାରୁ ଜମିଜମା ସଂକ୍ରାନ୍ତୀୟ କାର୍ଯ୍ୟଠାରୁ ଆରମ୍ଭ କରି ହିତାଧିକାରୀଙ୍କ ଅନେକ ଜରୁରୀ କାର୍ଯ୍ୟ ହୋଇପାରୁନାହିଁ। ଫଳରେ ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥାଏ। ଏହି କାର୍ଯ୍ୟାଳୟ ସ୍ଥାପିତ ହେବା ଦିନଠାରୁ ଆଜି ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଅଧିକାରୀଙ୍କ ପଦବୀ ପୂରଣ ନ ହେବା ଏକ ପ୍ରକାର ଦୁର୍ଭାଗ୍ୟ ବୋଲି ସ୍ଥାନୀୟ ଲୋକେ କହିଛନ୍ତି। ଅତିରିକ୍ତ ତହସିଲଦାର ରଶ୍ମିରଞ୍ଜନ ଦାସଙ୍କ ବଦଳି ପରଠାରୁ କାର୍ଯ୍ୟାଳୟରେ ୨ଟି ଅତିରିକ୍ତ ତହସିଲଦାର ପଦବୀ ଖାଲିପଡ଼ିଛି। ଏଥିସହ ଏକ ମାସ ତଳେ ତହସିଲଦାର ହାବିଲ ଖାକାଙ୍କ ବଦଳି ପରେ ଘସିପୁରା ତହସିଲ କାର୍ଯ୍ୟାଳୟର ଅତିରିକ୍ତ ତହସିଲଦାର ମନୋଜ କେରକେଟା ବର୍ତ୍ତମାନ ଭାରପ୍ରାପ୍ତ ତହସିଲଦାର ଭାବେ ଦାୟିତ୍ୱ ବହନ କରିଛନ୍ତି। ଅନେକ ସମୟରେ ତହସିଲଦାରଙ୍କ ପଦବୀ ଖାଲି ରହୁଥିଲା ବେଳେ ଅତିରିକ୍ତ ତହସିଲଦାର ପଦବୀ ପୂରଣ ପାଇଁ ଆଦୌ ଗୁରୁତ୍ୱ ଦିଆଯାଉନାହିଁ। ସେହିପରି ହାଟଡ଼ିହୀ ତହସିଲଦାର ତହସିଲର ଦାୟିତ୍ୱ ସହିତ ହାଟଡ଼ିହୀ ଉପକୋଷାଗାର ଓ ହାଟଡ଼ିହୀ ଉପନିବନ୍ଧକ ଦାୟିତ୍ୱରେ ରହିଥାନ୍ତି। ତେଣୁ ଜଣେ ଅତିରିକ୍ତ ତହସିଲଦାରଙ୍କ ଦ୍ୱାରା ଏତେସବୁ କାର୍ଯ୍ୟ ସମ୍ପାଦନ କଷ୍ଟକର ହୋଇପଡୁଛି। ଲୋକମାନେ ନାହିଁ ନ ଥିବା ଅସୁବିଧା ଭୋଗ କରୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ନିଜ ଜିଲାର ଏହି ତହସିଲ ପ୍ରତି ଦୃଷ୍ଟିଦେଇ ତହସିଲଦାର ଓ ଅତିରିକ୍ତ ତହସିଲଦାର ନିଯୁକ୍ତି କରାଇବାକୁ ସାଧାରଣରେ ଦାବି ହେଉଛି।

# ଷ୍ଟେଶନରେ ଏଟିଏମ୍, ଫାଷ୍ଟଏଡ୍ ସେଣ୍ଟର ସ୍ଥାପନ ଦାବି

ଯୋଡ଼ା,୨୯।୧୨(ମାନସ ମହାନ୍ତି): କେନ୍ଦୁଝର ଜିଲା ପାଇଁ ରେଳ ବିଭାଗର ଭିତ୍ତିଭୂମି ବିକାଶ ପ୍ରକଳ୍ପ ଓ ରେଳ ସଂଯୋଗ ସମ୍ପ୍ରସାରଣ, ଅର୍ଥନୈତିକ ଅଭିବୃଦ୍ଧି ଉଦ୍ଦେଶ୍ୟରେ କେନ୍ଦୁଝର ଏମ୍‌ପି ଅନନ୍ତ ନାଏକ, ଦକ୍ଷିଣ-ପୂର୍ବ ରେଳପଥର ଡିଆରଏମ୍‌ଙ୍କୁ ଚିଠି କରିଛନ୍ତି। ବାଂଶପାଣି, ବଡ଼ବିଲ ଷ୍ଟେଶନରେ ଏଟିଏମ୍ ସ୍ଥାପନ, ମୁଖ୍ୟ ଷ୍ଟେଶନଗୁଡ଼ିକରେ ସେମି ଆଇସିୟୁ ଓ ଫାଷ୍ଟଏଡ୍ ସେଣ୍ଟର, ବାଂଶପାଣି-ବଡ଼ବିଲ ମଧ୍ୟରେ ରେଳ ସଂଯୋଗ, ରେଳ ଟୟଲେଟଗୁଡ଼ିକର ନିୟମିତ ସଫେଇ, ବିମଲାଗଡ଼-ବଡ଼ବିଲ ମଧ୍ୟରେ ରେଳସଂଯୋଗ କାର୍ଯ୍ୟ ଆରମ୍ଭ, ବାଂଶପାଣି ଷ୍ଟେଶନର ନାମ ପରିବର୍ତ୍ତନ କରି ଯୋଡ଼ା ବାଂଶପାଣି ଷ୍ଟେଶନ ନାମ କରଣ, ବଡ଼ବିଲ-ଯୋଡ଼ା ମଧ୍ୟରେ ରେଳ ସଂଯୋଗ କାମ ଯଥାଶୀଘ୍ର ଆରମ୍ଭ, ଲହଣ୍ଡା ଓ ଭାଗଲପୁର ରେଳ ଧାରଣା ଉପରେ ଅଣ୍ଡରପାସ ନିର୍ମାଣ, ମୁର୍ଗା ମହାଦେବ ଷ୍ଟେଶନର ନାମ ପରିବର୍ତ୍ତନ କରି ବିଲେଇପଦା ଷ୍ଟେଶନ କରିବା ପ୍ରଭୃତି ପ୍ରସ୍ତାବ ରହିଛି।

# ଶିକ୍ଷା, ଗମନାଗମନ ସୁବିଧାରୁ ବଞ୍ଚିତ ଜାମୁପଦାବାସୀ

■ସାହିରେ ଅଙ୍ଗନୱାଡ଼ି, ବିଦ୍ୟାଳୟ, ରାସ୍ତା ନାହିଁ

■ମୁଖ୍ୟମନ୍ତ୍ରୀଙ୍କୁ ସମସ୍ୟା ଜଣାଇଲେ

କେନ୍ଦୁଝର,୨୯।୧୨
(ନରେଶ ଚନ୍ଦ୍ର ପଟ୍ଟନାୟକ)

କେନ୍ଦୁଝର ଜିଲା ଝୁମ୍ପୁରା ବ୍ଲକ୍ ଅନ୍ତର୍ଗତ କୁଟୁଗାଁ ପଞ୍ଚାୟତର କୁଟୁଗାଁ ଗ୍ରାମ ଜାମୁପଦା ସାହିବାସିନ୍ଦା ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଗାଁରେ ଅଙ୍ଗନୱାଡ଼ି, ବିଦ୍ୟାଳୟ ନ ଥିବାରୁ ଅଧାରୁ ଅଧିକ ଲୋକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି। ଭଲ ରାସ୍ତା ନ ଥିବାରୁ ଲୋକେ ବିଲ ହୁଡ଼ାରେ ଯାତାୟାତ କରିବାକୁ ବାଧ୍ୟ ହେଉଛନ୍ତି। ପାଖରେ ୨ଟି ପ୍ଲାଣ୍ଟ ରହିଥିଲେ ବି କୌଣସି ସୁବିଧା ମିଳୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ପ୍ରକାଶ ଯେ, ସାହିରେ ପାଖାପାଖି ୧୫୦ରୁ ଊର୍ଦ୍ଧ୍ୱ ଆଦିବାସୀ ମୁଣ୍ଡା ପରିବାର ବସବାସ କରନ୍ତି। ସାହିରେ ଅଙ୍ଗନୱାଡ଼ି କେନ୍ଦ୍ର ନ ଥିବାରୁ ପ୍ରସୂତି ମହିଳା ଓ ଶିଶୁଙ୍କୁ ସରକାରୀ ଯୋଜନାର ଲାଭ ସୁଚାରୁ ରୂପେ ମିଳିପାରୁନାହିଁ। ସାହିରେ ପ୍ରାଥମିକ ବିଦ୍ୟାଳୟଟିଏ ମଧ୍ୟ ନାହିଁ। ଶିକ୍ଷା ଗ୍ରହଣ ପାଇଁ କୋମଳମତି ଛାତ୍ରଛାତ୍ରୀ ନିକଟସ୍ଥ କୁଟୁଗାଁ ପ୍ରାଥମିକ ବିଦ୍ୟାଳୟକୁ ଯାଇଥାନ୍ତି। ମାତ୍ର ଜାମୁପଦାରୁ କୁଟୁଗାଁ ପର୍ଯ୍ୟନ୍ତ ସିଧାସଳଖଭାବେ କୌଣସି ରାସ୍ତା ନାହିଁ। ଫଳରେ ଛାତ୍ରଛାତ୍ରୀ ଓ ସ୍ଥାନୀୟ ଲୋକେ ବିଲ ହୁଡ଼ାରେ ଅଥବା ଅଧ କିଲୋମିଟର ବଦଳରେ ଦୀର୍ଘ ୪ କି.ମି. ବୁଲୁକି ଯିବାକୁ ପଡୁଛି। ଉପରୋକ୍ତ ବିଭିନ୍ନ ସମସ୍ୟା ଯୋଗୁ ଗ୍ରାମର ପ୍ରାୟ ସବୁଲୋକ ଅଶିକ୍ଷିତ ହୋଇ ରହିଛନ୍ତି। ସାହିକୁ ଲାଗି ଶ୍ରୀଗଣେଶ ଓ କୁସୁମ ପାୱାର ପ୍ଲାଣ୍ଟ ରହିଥିଲେ ବି ଶିକ୍ଷା ଅଭାବରୁ ସାହିର ଲୋକଙ୍କୁ ନିଯୁକ୍ତି ମିଳିପାରୁନାହିଁ। ସାହି ବାସିନ୍ଦା ଏଥିରୁ କେବଳ ଧୂଳିଧୂଆଁ ଖାଇ ବିଷାକ୍ତ ପରିବେଶରେ ରହୁଛନ୍ତି। ଶିକ୍ଷାର ବିକାଶ ପାଇଁ ଗୋଟିଏ ଅଙ୍ଗନୱାଡ଼ି କେନ୍ଦ୍ର, ପ୍ରାଥମିକ ବିଦ୍ୟାଳୟ ସହ ଗମନାଗମନର ସୁବିଧା ପାଇଁ ଜାମୁପଦାରୁ କୁଟୁଗାଁ ଓ ଜାମୁପଦାରୁ ସାନଯୋଡ଼ାକୁ ରାସ୍ତା ନିର୍ମାଣ ପାଇଁ ଦାବି ହୋଇଛି। ଏ ନେଇ ଯୁବ ଓ ଶ୍ରମ ବିକାଶ ମଞ୍ଚର ସାଧାରଣ ସମ୍ପାଦିକା ଶୈଳବାଳା ପରିଡ଼ାଙ୍କ ସମେତ ସମ୍ଭାରି ମୁଣ୍ଡା, ସାଲାଇ ମୁଣ୍ଡା, ଗହମି ମୁଣ୍ଡା ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାବି କରିଛନ୍ତି।


ହୁଡ଼ା ରାସ୍ତା ଦେଇ ଛୋଟ ପିଲା ସ୍କୁଲକୁ ଯାଉଛନ୍ତି।

No.A-791

ଓଡ଼ିଶା ସରକାର
ଜଳ ସମ୍ପଦ ବିଭାଗ
ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
ଟେଲିଫୋନ ନମ୍ବର- (06856)-291081 & ଇ-ମେଲ୍: eemirgd@ymail.com
ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି
ନିଲାମ ଡାକର ସଂଖ୍ୟା ଅନ୍‌ଲାଇନ -୦୮/କ୍ଷୁ:ଜ:ବି ରାୟଗଡ଼ା / ୨୦୨୪-୨୫
(BID IDENTIFICATION NO. ONLINE- 08 / MID RGD/ 2024-25)
ପତ୍ର ସଂଖ୍ୟା: ୪୯୩୬// କ୍ଷୁ:ଜ:ବି ରାୟଗଡ଼ା//ତାରିଖ ୨୬।୧୨।୨୦୨୪

ମହାମହିମ ରାଜ୍ୟପାଳ, ଓଡ଼ିଶାଙ୍କ ତରଫରୁ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା ଦ୍ୱାରା ଶତକଡ଼ା ହାର ଚୁକ୍ତି (Percentage Rate Contract) ରେ ଯୋଡ଼ା ଆବରଣ ପଦ୍ଧତି (Double Cover System) ଦ୍ୱାରା ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି ଅନ୍‌ଲାଇନ ଜରିଆରେ ନିମ୍ନ ସାରଣୀ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଉଛି।

| | | |
|---|---|---|
| ୧ | କାମର ନାମ | ରାୟଗଡ଼ା ଜିଲାରେ କାପେକ୍ସ ଲାଇନିଙ୍ଗ (CAPEX Lining) ଯୋଜନାରେ ବାରିଡ଼ି କ୍ଷୁଦ୍ର ଜଳସେଚନ ପ୍ରକଳ୍ପର ମୁଖ୍ୟ କେନାଲ ଓ ସିଙ୍ଗୁବାଇ ମାଇନର କେନାଲର ସିମେଣ୍ଟ କଂକ୍ରିଟ୍ ଲାଇନିଂ ନିର୍ମାଣ |
| ୨ | ସର୍ବମୋଟ କାମର ସଂଖ୍ୟା | ୦୧ (ଏକ) ମାତ୍ର |
| ୩ | ଅଟକଳ ମୂଲ୍ୟ | ଆନୁମାନିକ ୫୮.୫୦ ଲକ୍ଷ |
| ୪ | ଠିକାଦାରଙ୍କ ଶ୍ରେଣୀ | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୫ | କାର୍ଯ୍ୟର ସମାପ୍ତି କାଳ | ଯାହା କାର୍ଯ୍ୟର ପାର୍ଶ୍ୱରେ ଉଲ୍ଲିଖିତ |
| ୬ | ନିଲାମ ଉପଲବ୍ଧିର ତାରିଖ ଓ ସମୟ | ତା୦୧।୦୧।୨୦୨୫ରିଖ ଦିବା ୧୦.୦୦ ଘଟିକାଠାରୁ ତା୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୭ | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | ତା୧୦।୦୧।୨୦୨୫ରିଖ ସନ୍ଧ୍ୟା ୫.୩୦ ଘଟିକା ପର୍ଯ୍ୟନ୍ତ |
| ୮ | ଯାନ୍ତ୍ରିକ ନିଲାମ ଖୋଲିବା ତାରିଖ ଓ ସମୟ ଏବଂ ସ୍ଥାନ | ତା୧୩।୦୧।୨୦୨୫ରିଖ ଦିବା ୧୧.୦୦ ଘଟିକା ଏବଂ ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ାଙ୍କ କାର୍ଯ୍ୟାଳୟ |
| ୯ | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା କାର୍ଯ୍ୟାଳୟ |
| ୧୦ | ନିଲାମରେ ଭାଗନେବା ଓ ନିଲାମ ସୁରକ୍ଷା ଦେୟ ପୈଠ କରିବାର ପଦ୍ଧତି | ଅନ୍‌ଲାଇନ |

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
କ୍ଷୁଦ୍ର ଜଳସେଚନ ବିଭାଜନ, ରାୟଗଡ଼ା
OIPR-32524/11/0012/2425

# ଧାନଚାଷ କ୍ଷୟକ୍ଷତି ବୁଲି ଦେଖିଲେ ଉପମୁଖ୍ୟମନ୍ତ୍ରୀ

## ❝ ଦୁଃଖ ଜଣାଇ କାନ୍ଦି ପକାଇଲେ ଚାଷୀ ❝ ରିପୋର୍ଟ ଦାଖଲ କରିବାକୁ ଅଧିକାରୀଙ୍କୁ ନିର୍ଦ୍ଦେଶ

ଧାମନଗର/ବନ୍ତ,୨୯।୧୨ (ସନ୍ତୋଷ କୁମାର ମହାପାତ୍ର/ଦେବେନ୍ଦ୍ର ଆନ୍ଦିଆ/ହରିନାରାୟଣ ମହାନ୍ତି)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରବିବାର ଭଦ୍ରକ ଜିଲା ଗସ୍ତରେ ଆସି ଧାମନଗର ଓ ବନ୍ତ ବ୍ଲକରେ ଅଦିନିଆ ବର୍ଷାରେ ଧାନଚାଷ କ୍ଷୟକ୍ଷତି ଅନୁଧ୍ୟାନ କରିଛନ୍ତି। ବିଶେଷକରି ଅମଳକ୍ଷମ ପାଚିଲା ଧାନ ଅଦିନିଆ ବର୍ଷାରେ ଅଧିକ ପ୍ରଭାବିତ ହୋଇଛି। କ୍ଷେତରେ ବର୍ଷାପାଣି ଜମି ପାଚିଲା ଧାନ ବୁଡ଼ି ରହି ନଷ୍ଟ ହୋଇଯାଇଛି। ଉପମୁଖ୍ୟମନ୍ତ୍ରୀ ଚାଷଜମି ବୁଲି କ୍ଷୟକ୍ଷତି ଦେଖିଥିଲେ। କେତେଜଣ ଚାଷୀ ନଷ୍ଟ ହୋଇଥିବା ଫସଲ ଦେଖାଇ କାନ୍ଦି ପକାଇଥିଲେ। ଉପମୁଖ୍ୟମନ୍ତ୍ରୀ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରି ଆଶ୍ୱାସନା ଦେଇଛନ୍ତି।


ଧାମନଗରଠାରେ ଚାଷୀମାନେ ପଚି ଯାଇଥିବା ଧାନ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କୁ ଦେଖାଉଛନ୍ତି।

ଉପମୁଖ୍ୟମନ୍ତ୍ରୀ ଧାମନଗର ବ୍ଲକର ଭଗବାନପୁର, ଜୟକୃଷ୍ଣପୁର, ପଳିକିରି, ଇଛଦା ଓ ଅନହରପୁର ମୌଜାର ଚାଷଜମି ବୁଲି ଦେଖିଥିଲେ। ଉପମୁଖ୍ୟମନ୍ତ୍ରୀ ଆସୁଥିବା ଖବର ପାଇ ଭଗବାନପୁର ମୌଜାର ଚାଷୀମାନେ ରାସ୍ତାରେ ନିଜ ଗଜାଧାନ ଓ ନଷ୍ଟ ହୋଇଥିବା ଧାନ ବିଡ଼ା ଧରି ଠିଆ ହୋଇଥିଲେ। ରାସ୍ତାରେ ଚାଷୀଙ୍କୁ ଦେଖି ଉପମୁଖ୍ୟମନ୍ତ୍ରୀ ଗାଡ଼ି ଅଟକାଇ ସେମାନଙ୍କ ପାଖକୁ ଯାଇଥିଲେ। ଜମିରେ ବାସ୍ତବ ସ୍ଥିତି ଦେଖିବା ସହ କ୍ଷତିଗ୍ରସ୍ତ ଚାଷୀଙ୍କ ସହ ଆଲୋଚନା କରିଥିଲେ। ସରକାର ଚାଷୀମାନଙ୍କ କଲ୍ୟାଣ ପାଇଁ ପ୍ରତିଶ୍ରୁତିବଦ୍ଧ। ଏପରି ବିପଦ ସମୟରେ ଭାଙ୍ଗି ନ ପଡ଼ି ଧୈର୍ଯ୍ୟ ଧରିବାକୁ ସେ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ଉପମୁଖ୍ୟମନ୍ତ୍ରୀ, ବିଭିନ୍ନ ବିଭାଗର ମନ୍ତ୍ରୀ ଜିଲା ଓ ବ୍ଲକ ଗସ୍ତରେ ଅଛନ୍ତି। ସରକାରଙ୍କ ଉପରେ ଭରସା ରଖନ୍ତୁ, ଦୈବ ଦୁର୍ବିପାକରେ ସରକାର ସାଥୀରେ ଥାଇ ସମାଧାନ କରିବେ। ସୋମବାର ସୁଦ୍ଧା କ୍ଷୟକ୍ଷତି ଆକଳନ ରିପୋର୍ଟ ଆସିବା ପରେ ସମୀକ୍ଷା କରାଯାଇ କ୍ଷତିପୂରଣ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। ଉପମୁଖ୍ୟମନ୍ତ୍ରୀଙ୍କ ପରିଦର୍ଶନ ବେଳେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା ମୁଖ୍ୟ କୃଷି ଅଧିକାରୀ ଜଗଦୀଶ ପ୍ରସାଦ ବେହେରା, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ ପୁହାଣ, ବିଡିଓ ବନବିହାରୀ ଦିଣ୍ଡା, ତହସିଲଦାର ଦୀପକ କୁମାର ଦାସ, କୃଷି ଜିଲା ଅଧିକାରୀ ଗଣେଶ ଚନ୍ଦ୍ର ମାଝୀ, ବ୍ଲକ କୃଷି ଅଧିକାରୀ ଅନୁରାଧା ପଣ୍ଡା, ଅତିରିକ୍ତ ବ୍ଲକ କୃଷି ଅଧିକାରୀ ଦେବାଶିଷ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ।

ସେହିପରି ଉପମୁଖ୍ୟମନ୍ତ୍ରୀ ବନ୍ତ ବ୍ଲକର ଛୟାଳସିଂହ ପଞ୍ଚାୟତଠାରେ ପହଞ୍ଚିବା ପରେ ବିଭିନ୍ନ ଅଞ୍ଚଳରୁ ଚାଷୀମାନେ ଆଣିଥିବା ପଚା ଓ ଗଜା ଧାନ ବିଡ଼ା ଦେଖାଇ ନିଜର ଦୁଃଖ ଜଣାଇଥିଲେ। ଭଦ୍ରକ ବିଧାୟକ, ଜିଲାପାଳଙ୍କ ସହ ଜିଲା ଆରକ୍ଷୀ ଅଧୀକ୍ଷକ ମଡ଼କର ସନ୍ଦୀପ ସମ୍ପଦ, ଭାଜପା ନେତା ସୁଧାଂଶୁ ଶେଖର ନାୟକ, ଜିଲା କୃଷି ଅଧିକାରୀ ବିଶ୍ୱରଞ୍ଜନ ରାଉତ, ଅତିରିକ୍ତ ତହସିଲଦାର ପ୍ରଶାନ୍ତ କୁମାର ପୁହାଣ, ବ୍ଲକ କୃଷି ଅଧିକାରୀ ତୁଷାରକାନ୍ତ ପତି ପ୍ରମୁଖ ଉପସ୍ଥିତ ଥିଲେ। ଖୁବ୍‌ଶୀଘ୍ର ଫସଲ କ୍ଷତି ଆକଳନ କରାଯାଇ କ୍ଷତିପୂରଣ ପ୍ରଦାନ କରାଯିବ। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ମହିଳାମାନଙ୍କୁ ସୁଭଦ୍ରା ଟଙ୍କା ମିଳିଛି କି ନାହିଁ ପଚାରି ବୁଝିଥିଲେ।

## ଜଣେ ବି କ୍ଷତିଗ୍ରସ୍ତ ଚାଷୀ ସହାୟତାରୁ ବାଦ୍ ନ ପଡ଼ନ୍ତୁ


ଭଦ୍ରକ ସର୍କିଟ୍ ହାଉସ୍‌ରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ସମୀକ୍ଷା ବେଳେ ଉପସ୍ଥିତ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ଓ ଜିଲାପାଳ ଦିଲୀପ ରାଉତରାଏ।

### ସମୀକ୍ଷା କଲେ ଉପମୁଖ୍ୟମନ୍ତ୍ରୀ

ଭଦ୍ରକ, ୨୯।୧୨ (ସନାତନ ରାଉତ)

ଅଦିନିଆ ବର୍ଷାରେ ଚାଷ କ୍ଷୟକ୍ଷତି ଆକଳନ ପାଇଁ ଭଦ୍ରକ ଜିଲା ଦାୟିତ୍ୱରେ ଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରବିବାର ଭଦ୍ରକ ଗସ୍ତ କରି ଅନୁଧ୍ୟାନ କରିଛନ୍ତି। ଜିଲାର ଧାମନଗର ଓ ବନ୍ତ ବ୍ଲକରେ ଚାଷଜମି ବୁଲି ଦେଖିବା ସହ କ୍ଷୟକ୍ଷତି ଆକଳନ କରିଛନ୍ତି। ଏହାପରେ ଭଦ୍ରକ ନୂଆ ସର୍କିଟ୍ ହାଉସ୍‌ରେ ଜିଲାପାଳ ଓ ବିଭାଗୀୟ ଅଧିକାରୀଙ୍କ ସହ ସମୀକ୍ଷା କରିଥିଲେ। ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିବା ସହାୟତା ରାଶି କ୍ଷତି ହୋଇ ନ ଥିବା ଚାଷୀଙ୍କୁ ପଛେ ମିଳିଯାଉ କିନ୍ତୁ ଜଣେ ବି କ୍ଷତିଗ୍ରସ୍ତ ଚାଷୀ ଯେପରି ବାଦ୍ ନ ପଡ଼ନ୍ତି, ସେଥିପ୍ରତି ଯତ୍ନବାନ ହେବାକୁ ଅଧିକାରୀମାନଙ୍କୁ ସଜାଗ କରାଇଥିଲେ।

ଭଦ୍ରକ ଜିଲାରେ ୭୧ ପ୍ରତିଶତ ଧାନ ଅମଳ ହୋଇସାରିଛି। ୪୯୭ ହେକ୍ଟର ଜମିରେ ଧାନ କଟା ହୋଇ ପଡ଼ିଛି। ଠିକ୍ ଭାବେ ତଦନ୍ତ କରାଯାଇ ରିପୋର୍ଟ ଗଲା ପରେ ବୀମାଭୁକ୍ତ ଓ ବୀମାଭୁକ୍ତ ହୋଇ ନ ଥିବା ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ପ୍ରଦାନ କରାଯିବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି। କେବଳ ଧାନ ନୁହେଁ ପନିପରିବା ଓ ଅନ୍ୟାନ୍ୟ ଚାଷ କ୍ଷତି ହୋଇଥିଲେ ମଧ୍ୟ ତାହାର ରିପୋର୍ଟ ଦେବାକୁ ସେ କହିଛନ୍ତି। ସମୀକ୍ଷା ବେଳେ ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର, ଜିଲାପାଳ ଦିଲୀପ ରାଉତରାଏ, ଅତିରକ୍ତ ଜିଲାପାଳ ଶାନ୍ତନୁ ମହାନ୍ତି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ସରୋଜ ଦତ୍ତ, ଉପଜିଲାପାଳ ସୌରଭ ଚକ୍ରବର୍ତ୍ତୀ, ଜିଲା କୃଷି ଅଧିକାରୀ ଜଗଦୀଶ ପ୍ରସାଦ ବେହେରାଙ୍କ ସମେତ କୃଷି ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

## ସତ୍‌ସଙ୍ଗ, ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ

ବାସୁଦେବପୁର,୨୯।୧୨ (ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁରର କୋଣାର୍କ ବରଫ କାରଖାନା ନିକଟସ୍ଥ ପଡ଼ିଆରେ ବିଶ୍ୱ ଭାତୃତ୍ୱ ଦିବ୍ୟାତ୍ମା ପରିଷଦ ଅଚ୍ୟୁତ ଗୁପ୍ତବ୍ରହ୍ମସଙ୍ଗ କ୍ଷିତି ଜ୍ୟୋତି ଆଶ୍ରମ ମାହାଙ୍ଗାର ବାସୁଦେବପୁର ଶାଖା ଆନୁକୂଲ୍ୟରେ ପରମ ପ୍ରେମମୟ ଶ୍ରୀ ଶ୍ରୀ ଠାକୁର କେଶବ ଚନ୍ଦ୍ରଙ୍କର ତ୍ରିଦିବସୀୟ ସତ୍‌ସଙ୍ଗ ଓ ଦିବ୍ୟ ପ୍ରବଚନ କାର୍ଯ୍ୟକ୍ରମ ଗତ ରବିବାର ରାତିରେ ଉଦ୍‌ଯାପିତ ହୋଇଛି। ଶୁକ୍ରବାର ମାଳିକା ଗବେଷକ ପ୍ରଫୁଲ୍ଲ ସାହୁ, ଶନିବାର ଓ ରବିବାର ଭକ୍ତିବିନୋଦ ବିପିନ ବିହାରୀ ସାମଲ ଦିବ୍ୟ ପ୍ରବଚନ ପ୍ରଦାନ କରିଥିଲେ। ସମାଜ ପାଇଁ ଠାକୁର କେଶବ ଚନ୍ଦ୍ରଙ୍କ ବାର୍ତ୍ତା ତଥା ସନାତନ ଧର୍ମର ସୁରକ୍ଷା, ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର, ଗୁରୁବାଦତତ୍ତ୍ୱ, ମାଳିକା ବାର୍ତ୍ତା ସମ୍ପର୍କରେ ୩ ଦିନ ଧରି ଦିବ୍ୟ ପ୍ରବଚନ ପ୍ରଦାନ କରାଯାଇଥିଲା। ପଦ୍ମନାଭ ମିଶ୍ର, ଶିବପ୍ରସାଦ ବାରିକ୍, ହରିଶ ଦାସ, ବସନ୍ତ ଦିକ୍ଷୀତ, ପଞ୍ଚାନନ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

## ୱାଚ୍ ଟାୱାର ମଧ୍ୟରୁ ମିଳିଲା ବୃଦ୍ଧଙ୍କ ମୃତଦେହ

ବାସୁଦେବପୁର,୨୯।୧୨(ନାରାୟଣ ପ୍ରସାଦ ବାରିକ)

ବାସୁଦେବପୁର ଚୁଡ଼ାମଣି ସାମୁଦ୍ରିକ ଥାନା ଅଧୀନ ସମୁଦ୍ର ତଟରେ ଥିବା ୱାଚ ଟାୱାର ମଧ୍ୟରୁ ରବିବାର ଜଣେ ଅଜଣା ବୃଦ୍ଧଙ୍କ ମୃତଦେହ ମିଳିଛି। ସାମୁଦ୍ରିକ ଥାନା ପୋଲିସ ମୃତଦେହ ଜବତ କରି ଏକ ଅପମୃତ୍ୟୁ ମାମଲା (ନଂ.୬/୨୪) ରୁଜୁ କରିଛି। ମୃତଦେହ ଚିହ୍ନଟ ପାଇଁ ଭଦ୍ରକ ମୁଖ୍ୟ ଚିକିତ୍ସାଳୟରେ ରଖାଯାଇଥିବା ସାମୁଦ୍ରିକ ଥାନାଧିକାରୀ ବନାନୀ ବେହେରା କହିଛନ୍ତି। ମୃତ ବୃଦ୍ଧ ଜଣକ ସ୍ଥାନୀୟ ଅଞ୍ଚଳରେ ମାଗି ଯାଚି ଖାଉଥିଲେ। ତାଙ୍କର କିପରି ମୃତ୍ୟୁ ଘଟିଲା ସେନେଇ ସନ୍ଦେହ ସୃଷ୍ଟି ହୋଇଛି।

## ପ୍ରଥମ ଦିନରେ ରାଉରକେଲା, ବାଲେଶ୍ୱର ବିଜୟୀ


ଅତିଥି ଭାବେ ଯୋଗଦେବା ଅବସରରେ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ବ୍ୟାଟିଂ କରୁଛନ୍ତି।

### ସର୍ବଭାରତୀୟ ଚରମ୍ପା କପ୍ କ୍ରିକେଟ ଟୁର୍ନାମେଣ୍ଟ

ଭଦ୍ରକ,୨୯।୧୨(ସନାତନ ରାଉତ)

ଭଦ୍ରକ ଚରମ୍ପା ହାଇସ୍କୁଲ ପଡ଼ିଆରେ ରବିବାର ସର୍ବଭାରତୀୟ ଚରମ୍ପା କପ୍ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହୋଇଛି। ଚରମ୍ପା ଯୁବକ ସଂଘ ଆନୁକୂଲ୍ୟରେ ଆୟୋଜିତ ଏହି ଟୁର୍ନାମେଣ୍ଟର ପ୍ରଥମ ଦିନରେ ଜିମ୍‌ଖାନା ରାଉରକେଲା ଓ ୟୁ ଆଣ୍ଡ୍ ମି ବାଲେଶ୍ୱର ବିଜୟୀ ହୋଇଛି। ଜିମ୍‌ଖାନା ରାଉରକେଲା ଓ ଡିଆର୍‌କେ ବାରିପଦା ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା। ରାଉରକେଲା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୫ ଉଇକେଟ ହରାଇ ୧୩୯ ରନ୍ କରିଥିଲା। ବାରିପଦା ୧୦୮ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ରାଉରକେଲା ଟିମ୍‌ର କୌଶିକ ମାନିକପୁରୀ ୬ ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ।

ୟୁ ଆଣ୍ଡ୍ ମି ବାଲେଶ୍ୱର ଓ ୟୁନିକ-୧୧ କେନ୍ଦୁଝର ମଧ୍ୟରେ ଦ୍ୱିତୀୟ ମ୍ୟାଚ୍ ଖେଳାଯାଇଥିଲା। ବାଲେଶ୍ୱର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୫ ଓଭରରେ ୭ ଉଇକେଟ ହରାଇ ୨୦୭ ରନ୍ କରିଥିଲା। କେନ୍ଦୁଝର ୯ ଉଇକେଟ ହରାଇ ୧୬୧ ରନ୍ କରିବାରେ ସକ୍ଷମ ହୋଇଥିଲା। ବାଲେଶ୍ୱରର ସୁମନ ଓଝା ୫ ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ହୋଇଥିଲେ। ଭଦ୍ରକ ବିଧାୟକ ସୀତାଂଶୁ ଶେଖର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଅବସରପ୍ରାପ୍ତ ଅଧ୍ୟାପକ ବିଜୟ କୁମାର ଜେନା, ଅନ୍ୟତମ ଅତିଥି ଭାବେ ଶିଶିର କୁମାର ମିଶ୍ର, ଅତିସ ବେହେରା, ଶରତ ପଡିଆରୀ ଓ ଭାଗବତ ପାଣିଗ୍ରାହୀ ଯୋଗ ଦେଇଥିଲେ। ଅମ୍ପାୟାର ଭାବେ ଲଲାଟ କେଶରୀ ନନ୍ଦ ଓ ସୁବ୍ରତ ଜେନା ଖେଳ ପରିଚାଳନା କରିଥିଲେ। ଯୁବକ ସଂଘ ସଭାପତି ପଦ୍ମନାଭ ପଣ୍ଡା, ସମ୍ପାଦକ ମଦନମୋହନ ମହାନ୍ତି, ରଜତ ନାୟକ, ବିଭୂତି ଭୂଷଣ ପଲାଇ, ତପନ ମଲ୍ଲିକ, ସଂଗ୍ରାମ ପଲାଇ, ଜିତେନ୍ଦ୍ର ପଡିଆରୀ, ଅଶ୍ୱିନୀ ରଣା ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନା କରୁଛନ୍ତି।

## କଲ୍ୟାଣୀ ବିଲ୍ଡର୍ସ ଭଦ୍ରକ ଚାମ୍ପିୟନ


ବିଜେତା ଟିମ୍‌କୁ ଟ୍ରଫି ପ୍ରଦାନ କରାଯାଉଛି।

ଆଗରପଡ଼ା,୨୯।୧୨ (ସୁଶାନ୍ତ ଦାସ)

ଆଗରପଡ଼ା ସ୍ପୋର୍ଟ୍ସ କ୍ଲବ ପକ୍ଷରୁ ଦ୍ୱିତୀୟ ବାର୍ଷିକ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଆଗରପଡ଼ା କଲେଜ ନିକଟସ୍ଥ ଦମଦମା ପଡ଼ିଆରେ ଅନୁଷ୍ଠିତ ହୋଇଯାଇଛି। କଲ୍ୟାଣୀ ବିଲ୍ଡର୍ସ ଭଦ୍ରକ, ମେଗା ବିଲ୍ଡର୍ସ ଭୁବନେଶ୍ୱର, ସାଇ ଅଭିନନ୍ଦନ ଆଗରପଡ଼ା ଏବଂ ଫ୍ଲେକ୍ସିସ୍ଲିପ ଆଗରପଡ଼ା ୪ ଟିମ୍ ଭାଗ ନେଇଥିଲେ। ୧୦ ଓଭର ବିଶିଷ୍ଟ ମ୍ୟାଚ୍‌ରେ କଲ୍ୟାଣୀ ବିଲ୍ଡର୍ସ ଚାମ୍ପିୟନ ହୋଇଥିବା ବେଳେ ମେଗା ବିଲ୍ଡର୍ସ ରନରଅପ୍ ହୋଇଛି। ଚାମ୍ପିୟନ ଓ ରନରଅପ୍ ଟିମ୍‌କୁ ଟ୍ରଫି ସହ ସମସ୍ତ ଖେଳାଳିଙ୍କୁ କମିଟି ପକ୍ଷରୁ ବ୍ରୋଞ୍ଜ ମେଡାଲ ପ୍ରଦାନ କରାଯାଇଥିଲା। ତାପସ କୁମାର ରାୟ, ତନ୍ମୟ କୁମାର ସିଂହ, ଅଶୋକ କୁମାର ପରିଡ଼ା, ବସନ୍ତ କୁମାର ପତି, ଯଶୋବନ୍ତ ସିଂହ, ପ୍ରଦୀପ କୁମାର ସିଂହ, ନୃସିଂହ ଖୁଣ୍ଟିଆ, ଗଜେନ୍ଦ୍ର ମଲ୍ଲିକ, ସନତ ତ୍ରିପାଠୀ, ସୁରେଶ ପରିଡ଼ା, ଉତ୍ତମ କୁମାର ପଣ୍ଡା, ଶୁଭ୍ରାଂଶୁ ମୁଦୁଲି, ବ୍ରଜ ମହାନ୍ତି ପ୍ରମୁଖ ପରିଚାଳନା କରିଥିଲେ। ପ୍ରଦୀପ କୁମାର ସିଂହ ପରିବେଶ ସୁରକ୍ଷାକୁ ଗୁରୁତ୍ୱ ଦେଇ ସମସ୍ତ ଖେଳାଳି ଓ ଦର୍ଶକଙ୍କୁ ଚାରା ରୋପଣ ପାଇଁ ଖତ ଓ ସାର ସହ ପ୍ୟାକିଂ ହୋଇଥିବା ମଞ୍ଜି ପ୍ରଦାନ କରିଥିଲେ।

## 'ସମାଜକୁ ଦିଗ୍‌ଦର୍ଶନ ଦିଅନ୍ତି ବରିଷ୍ଠ ନାଗରିକ'


ମୁଖ୍ୟଅତିଥି ଅଭିଭାଷଣ ଦେଉଛନ୍ତି।

ଧୂଷୁରୀ,୨୯।୧୨ (ଦୀପ୍ତିରଞ୍ଜନ ନାୟକ)

ବରିଷ୍ଠ ନାଗରିକ ହିଁ ସମାଜକୁ ଦିଗ୍‌ଦର୍ଶନ ଦିଅନ୍ତି। ସେମାନେ ସମାଜର ସଂସ୍କାରକ ବୋଲି ଧାମନଗର ବ୍ଲକ କଲ୍ୟାଣୀ ନୋଡାଲ ଉଚ୍ଚ ବିଦ୍ୟାଳୟ ପରିସରରେ କଲ୍ୟାଣୀ ବରିଷ୍ଠ ନାଗରିକ ମଞ୍ଚର ପ୍ରଥମ ବାର୍ଷିକୋତ୍ସବରେ ଅତିଥିମାନେ କହିଛନ୍ତି। ମୁଖ୍ୟଅତିଥି ଭାବେ ଧାମନଗର ଥାନା ସବ୍ ଇନ୍‌ସପେକ୍ଟର ପ୍ରଦୀପ କୁମାର ନାୟକ ଯୋଗଦେଇ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରକୃତିବନ୍ଧୁ ବରିଷ୍ଠ ଶିକ୍ଷାବିତ୍ ବୈକୁଣ୍ଠ ବିଶ୍ୱାଳ, ଆଇନଜୀବୀ ଦୀପ୍ତି ରଞ୍ଜନ ଜେନା, ପୂର୍ବତନ ସରପଞ୍ଚ ଚନ୍ଦ୍ରମଣି ବେହେରା, ସୁଶୀଲ ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପୀତାମ୍ବର ବାରିକ, ନିଧିରାମ ଦତ୍ତ, ଧୂଷୁରୀ ପ୍ରେସ୍ ୟୁନିୟନର କୋଷାଧ୍ୟକ୍ଷ ରତିକାନ୍ତ ନାୟକ, ଶିକ୍ଷାବିତ୍ ରଞ୍ଜନ କୁମାର ସେଠୀ, ମାୟାଧର ସାମଲ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ମଞ୍ଚ ସଭାପତି ରମାକାନ୍ତ ସୂତାର ସଭାପତିତ୍ୱ ଓ ଧୂଷୁରୀ ପ୍ରେସ୍ ୟୁନିଅନର ସଭାପତି ସନ୍ତୋଷ ଦାସ ସଭା ସଞ୍ଚାଳନ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷାବିତ୍ ରମେଶ ଦତ୍ତ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ସ୍ଥାନୀୟ ବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

## ଦେବୋତ୍ତର ବିଭାଗ ଅଧୀନକୁ ଗଲା ନବଗ୍ରହ ମନ୍ଦିର

ତିହିଡ଼ି,୨୯।୧୨ (ସଞ୍ଜିତ ବଳ)

ରାଜ୍ୟର ପୁରାତନ ମନ୍ଦିର ଭାବେ ପରିଗଣିତ ତିହିଡ଼ି ବ୍ଲକ କୋହ୍ଲସ୍ଥିତ ନବଗ୍ରହ ମନ୍ଦିର ସରକାରଙ୍କ ଦେବୋତ୍ତର ବିଭାଗ ଅଧୀନକୁ ଯାଇଛି। ସରକାରଙ୍କ ପକ୍ଷରୁ ମନ୍ଦିରର ସୁପରିଚାଳନା ଓ ସୁରକ୍ଷା ନିମନ୍ତେ ଏକ ଟ୍ରଷ୍ଟ ବୋର୍ଡ ଗଠନ କରାଯାଇଛି। ଏହି ବୋର୍ଡରେ ମୁଖ୍ୟ ଟ୍ରଷ୍ଟୀ ଭାବେ ଖବରଦାତା ପ୍ରଭାତ କୁମାର ରାଉଳ, ଟ୍ରଷ୍ଟୀ ଭାବେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ, ବସନ୍ତ କୁମାର ଦାସ, ପୀତାମ୍ବର ସେଠୀ, ସନ୍ଧ୍ୟାରାଣୀ ମହାପାତ୍ର, ସୀତାରାମ ଓଁକାରନାଥ ମିଶ୍ର, ଗୌରୀଶଙ୍କର ଗ୍ରହାଚାର୍ଯ୍ୟ, ଅଭିମନ୍ୟୁ ବହଳି, ସମ୍ପାଦକ ଭାବେ ଜୟପ୍ରକାଶ ପତି ପ୍ରମୁଖ ମନୋନୀତ ହୋଇଛନ୍ତି। ଶନିବାର ମନ୍ଦିର ପରିସରରେ ଟ୍ରଷ୍ଟୀ ବୋର୍ଡର ଏକ ବୈଠକ ମୁଖ୍ୟ ଟ୍ରଷ୍ଟୀ ରାଉଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମନ୍ଦିରର ସୁରକ୍ଷା ଓ ସୁପରିଚାଳନା ନେଇ ବୈଠକରେ ଆଲୋଚନା କରାଯାଇଥିଲା। ପରେ ତହସିଲଦାର ମନ୍ଦିରର ଚତୁଃପାର୍ଶ୍ୱ ବୁଲି ଦେଖିବା ସହ ଭିତ୍ତିଭୂମିର ବିକାଶ ଓ ସୁପରିଚାଳନା ନେଇ ଆଲୋଚନା କରିଥିଲେ। ଏହି ମନ୍ଦିର ଦେବୋତ୍ତର ବିଭାଗ ଅଧୀନକୁ ଯାଇଥିବାରୁ ସ୍ଥାନୀୟ ଅଞ୍ଚଳର ଲୋକେ ଖୁସିବ୍ୟକ୍ତ କରିଛନ୍ତି।


ଟ୍ରଷ୍ଟ ବୋର୍ଡ ବୈଠକରେ ତହସିଲଦାର ଜୟଦ୍ରଥ ଆଚାର୍ଯ୍ୟ ଓ ଅନ୍ୟମାନେ।

## ଶିକ୍ଷୟିତ୍ରୀଙ୍କ ଅକାଳ ବିୟୋଗ

ତିହିଡି,୨୯।୧୨(ସଞ୍ଜିତ ବଳ)


ମମିତା ମଲିକ।

ତିହିଡ଼ି ବ୍ଲକର ବୋଡ଼କ ପଞ୍ଚାୟତ ଗୋପନଗର ମନ୍ତ୍ରବାସୁଳୀ ପ୍ରାଥମିକ ସ୍କୁଲର ସହକାରୀ ଶିକ୍ଷୟିତ୍ରୀ ମମିତା ମଲିକ(୩୮)ଙ୍କ ରବିବାର ସକାଳେ ଅକାଳ ବିୟୋଗ ଘଟିଛି। ସେ ଦୀର୍ଘଦିନ ହେବ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ କଟକସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ୱାମୀ ଆଗରପଡ଼ା କଲେଜର ଅଧ୍ୟାପକ ଡ. ଅରବିନ୍ଦ ଦାସଙ୍କ ସମେତ ପରିବାରବର୍ଗ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ସ୍କୁଲ ପରିଚାଳନା କମିଟି ସଭାପତି ବୁଦ୍ଧିରାମ ପାଣ୍ଡବ, ପ୍ରଧାନଶିକ୍ଷକ ସରୋଜ ଓଝା, ସମିତିସଭ୍ୟ ଭାଗୀରଥି ମଳିକ, ସାମାଜିକ କର୍ମୀ ନିଶିକାନ୍ତ ପରିଡ଼ା, ପ୍ରଦୀପ ମଳିକଙ୍କ ସହ ଶିକ୍ଷୟିତ୍ରୀ ଶିକ୍ଷକ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଲଞ୍ଜାତରାସ୍ଥିତ ତାଙ୍କ ବାସଭବନରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ଗୋଲ୍ଡ ମେଡାଲିଷ୍ଟ ସାଇକ୍ଲିଷ୍ଟ ବର୍ଷାରାଣୀଙ୍କୁ ସମ୍ବର୍ଦ୍ଧନା

ଭଦ୍ରକ,୨୯।୧୨(ରବିନାରାୟଣ ଖିଲାର)



ସାଇକ୍ଲିଂ ଫେଡେରେଶନ ଅଫ୍ ଇଣ୍ଡିଆ ପକ୍ଷରୁ ଚେନ୍ନାଇଠାରେ ଅନୁଷ୍ଠିତ ଜାତୀୟ ଟ୍ରାକ୍ ସାଇକ୍ଲିଂ ଚାମ୍ପିୟନଶିପ୍‌ରେ ଓଡ଼ିଶାରୁ ଖେଳି ଗୋଲ୍ଡ ମେଡାଲ ଜିତିଥିବା ଭଦ୍ରକର ବର୍ଷାରାଣୀ ବାରିକ(୨୦)ଙ୍କୁ ଜିଲା ଉତ୍କଳ ଯାଦବ ମହାସଭା ପକ୍ଷରୁ ସମ୍ବର୍ଦ୍ଧନା ଦିଆଯାଇଛି। ଯାଦବ ମହାସଭାର ରାଜ୍ୟ ଯୁବ ସାଧାରଣ ସମ୍ପାଦକ ତଥା ଉତ୍ତର ଓଡ଼ିଶା ପ୍ରଭାରୀ ଅମର ନାୟକ, ଯୁବ ଯାଦବ ଉପସଭାପତି ସଞ୍ଜୀବ ନାୟକ, ସାଧୁଚରଣ ବାରିକ, ନିରଞ୍ଜନ ବାରିକ ପ୍ରମୁଖ ବର୍ଷାଙ୍କ ଗାଁ ଭଦ୍ରକ ବ୍ଲକର ହରିପୁରରେ ପହଞ୍ଚି ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଦେଇଛନ୍ତି। ଭଦ୍ରକ ଡିଷ୍ଟ୍ରିକ୍ଟ ସାଇକ୍ଲିଂ ଆସୋସିଏଶନରୁ ପ୍ରଶିକ୍ଷଣପ୍ରାପ୍ତ ବର୍ଷା ବିଡିସିଏର କୋଚ୍ ତଥା ସମ୍ପାଦକ ମନୋରଞ୍ଜନ ବାରିକ, ସଭାପତି ଅପୂର୍ବ ରଞ୍ଜନ ବେହେରା, ରାଜ୍ୟ ସାଇକ୍ଲିଂ ସଂଘର ସମ୍ପାଦକ ପ୍ରସନ୍ନ କୁମାର ରାଉତ, ସଭାପତି ମିନତି ମହାପାତ୍ର, ଯୁଗ୍ମ ସମ୍ପାଦକ ସୁଶୀଲ କୁମାର ଦାସ ଓ ଉପସଭାପତି ନୃସିଂହ ଚରଣ ସାହୁଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପରେ ଜିଲା ଯାଦବ ମହାସଭା ପକ୍ଷରୁ ହରିପୁର ଜଗନ୍ନାଥ ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ମନ୍ଦିର ପରିକ୍ରମାର ଉନ୍ନତିକରଣ ଉପରେ ପଚାରି ବୁଝିଥିଲେ।

## ଆମ ବ୍ୟାଙ୍କରୁ ଚୋରି

ଭଣ୍ଡାରିପୋଖରୀ,୨୯।୧୨(ରାଜେନ୍ଦ୍ର ଶତପଥୀ)

ଭଣ୍ଡାରିପୋଖରୀ ଥାନା ଅଧୀନ ବୟାବନାପୁର ଆମ ବ୍ୟାଙ୍କରୁ ଶନିବାର ରାତିରେ ଲକ୍ଷାଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଛି। ଏନେଇ ବ୍ୟାଙ୍କ କର୍ମଚାରୀ ବୟାବନାପୁର ଗ୍ରାମର ଧନେଶ୍ୱର ରାଉତ ଓ ରେବ ଗ୍ରାମର ଅମରେଶ ପଣ୍ଡା ରବିବାର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଚନ୍ଦ୍ରଭାନୁପୁର (ମଠସାହି) ବିଦ୍ୟାଳୟ ପରିସରରେ ଥିବା ବୟାବନାପୁର ପଞ୍ଚାୟତ ପାଇଁ ଉଦ୍ଦିଷ୍ଟ ଏହି ବ୍ୟାଙ୍କ ରବିବାର ଛୁଟି ଥିବାବେଳେ ମଧ୍ୟାହ୍ନରେ ଭଣ୍ଡାରିପୋଖରୀ ବଜାରରୁ ଘରକୁ ଫେରିବା ବାଟରେ ବ୍ୟାଙ୍କ ତାଲା ଭଙ୍ଗାଯାଇଥିବା ଧନେଶ୍ୱର ଦେଖିଥିଲେ। ଅମରେଶଙ୍କୁ ଡକାଇ ଉଭୟ ବ୍ୟାଙ୍କ ଭିତରକୁ ଯାଇଥିଲେ। କମ୍ପ୍ୟୁଟର, ୨ଟି ପ୍ରିଣ୍ଟର, ସିସିଟିଭି ମନିଟର, ଇନଭର୍ଟର, ପଙ୍ଖା, କାର୍ଯ୍ୟାଳୟ ମଧ୍ୟରେ ଥିବା ଅଙ୍ଗନୱାଡି ପାଣି ମୋଟର, ୨ ବସ୍ତା ଚାଉଳ ଆଦି ଚୋରି ହୋଇଥିବା ସେମାନେ ଦେଖିବାକୁ ପାଇଥିଲେ।

## ବାରମ୍ବାର ଇ-କେୱାଇସି କରି ନାକେଦମ୍ ଡିଲର

ତିହିଡ଼ି,୨୯।୧୨(ସଞ୍ଜିତ ବଳ)

ଚଳିତବର୍ଷ ଅଗଷ୍ଟ ୨୩ଠାରୁ ରାଜ୍ୟରେ ଡିଲରମାନେ ଖାଉଟି କାର୍ଡରେ ଥିବା ସମସ୍ତ ସଦସ୍ୟଙ୍କ ଇ-କେୱାଇସି ସଂଗ୍ରହ କଲେ। ପ୍ରବାସୀମାନେ ଗାଁକୁ ଆସି ନିଜ ନିଜର ଡିଲରଙ୍କ ପାଖରୁ ଇ-କେୱାଇସି କରାଇଛନ୍ତି। ତିହିଡ଼ି ବ୍ଲକର ଡିଲରମାନେ ମଧ୍ୟ ଅଦ୍ୟାବଧି ଏହି କାର୍ଯ୍ୟ ଚାଲୁ ରଖିଛନ୍ତି। ହେଲେ ଜଣେ ହିତାଧିକାରୀଙ୍କ ବାରମ୍ବାର ଇ-କେୱାଇସି କରି ନାକେଦମ୍ ହେଲେଣି ଡିଲର। ପ୍ରଥମ ପର୍ଯ୍ୟାୟରେ ଡିଲରମାନେ କରିଥିବା ଇ-କେୱାଇସି ମଧ୍ୟରୁ କିଛି ହିତାଧିକାରୀଙ୍କ ନାମ ପୁନର୍ବାର ଇ-କେୱାଇସି କରିବା ନେଇ ବିଭାଗ ପକ୍ଷରୁ ତାଲିକା ପ୍ରଦାନ କରାଯାଇଥିଲା। ଯେଉଁ ତାଲିକାରେ ଇ-କେୱାଇସି ଆଦୌ କରି ନ ଥିବା ବ୍ୟକ୍ତି, ମୃତ ବ୍ୟକ୍ତି ଏବଂ ଇ-କେୱାଇସି ପିଓଏସ୍ ମେଶିନରେ ସଫଳ ହୋଇଛି ବୋଲି ଦେଖାଇଥିବା ହିତାଧିକାରୀଙ୍କ ନାମ ଉଲ୍ଲେଖ ରହିଛି। ୨ଥର କେୱାଇସି କରିଥିବା ହିତାଧିକାରୀଙ୍କ ନାମ ପୁନର୍ବାର ନିକଟରେ ବିଭାଗ ପକ୍ଷରୁ ମିଳିଥିବା ତାଲିକାରେ ଅଛି। କେୱାଇସି ସାରି କିଏ ରାଜ୍ୟ ବାହାରେ ତ କିଏ ଜିଲା ବାହାରେ କର୍ମ ସଂସ୍ଥାନକୁ ଚାଲିଗଲେଣି। ଡିଲରମାନେ ସେମାନଙ୍କୁ ସୂଚନା ଦେବାରୁ ସେମାନେ କେତେଥର କେୱାଇସି କରିବେ ବୋଲି କହିବା ସହ କାର୍ଡରୁ ନାଁ କଟିଲେ, ସେଥିପାଇଁ ଡିଲରମାନେ ଦାୟୀ ରହିବେ ବୋଲି ଚରମବାଣୀ ଶୁଣାଉଛନ୍ତି ବୋଲି ତିହିଡ଼ି ବ୍ଲକ ଡିଲର ସଂଘ ପକ୍ଷରୁ ଅନୁଷ୍ଠିତ ପ୍ରତିବାଦ ସଭା ଓ ସାଙ୍ଗଠନିକ ବୈଠକରେ କୁହାଯାଇଛି।

ସଂଘର ସଭାପତି ରବୀନ୍ଦ୍ର ମହାକୁଲଙ୍କ ସଭାପତିତ୍ୱ ଓ ସମ୍ପାଦକ କୈଳାସ ବେହେରାଙ୍କ ସଞ୍ଚାଳନରେ ଆୟୋଜିତ ଏହି ବୈଠକରେ ଡିଲରମାନେ ସରକାର ଓ ଯୋଗାଣ ବିଭାଗ ତୁରନ୍ତ ଏସବୁ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଏଥିସହ ଇ-କେୱାଇସି ପାଇଁ ସେମାନଙ୍କୁ ପାରିଶ୍ରମିକ ଦିଆଯାଉ। ଜଣେ ଖାଉଟିଙ୍କ ୩ ଥର କେୱାଇସି ପରେ ବୈଷୟିକ ତ୍ରୁଟି ଯୋଗୁ ସଫଳ ହେଉନି। ଏହି ତ୍ରୁଟି ସୁଧାରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି। ନଚେତ୍ ଖାଉଟି ଓ ଡିଲରଙ୍କ ମଧ୍ୟରେ ତିକ୍ତତା ସୃଷ୍ଟି ହେବ ବୋଲି ଡିଲରମାନେ ମତପ୍ରକାଶ କରିଥିଲେ। ସଂଘ ପକ୍ଷରୁ ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଓଝା, ଉପସଭାପତି ଲକ୍ଷ୍ମୀକାନ୍ତ ନାୟକ, ଚକ୍ରଧର ଲେଙ୍କା, ଶରତ ଚନ୍ଦ୍ର କବି, ଜିତେନ୍ଦ୍ର ବେହେରା, ସୁଦାମ ଦାସ, ବ୍ରହ୍ମାନନ୍ଦ ମହାପାତ୍ର, ଗୟାଧର ବାରିକ, ସୁବାସ ଦାସ, ନକୁଳ ରାଉତ, ବାବୁଲି ଭଞ୍ଜ, ସୁବ୍ରତ ନାୟକ, ଶଶିକାନ୍ତ ରାଉତ, ସଞ୍ଜୟ ମଲ୍ଲିକ, ବାଇଧର ପରିଡ଼ା, ଅଜୟ କୁମାର ବ୍ରହ୍ମ, ବାପୁଜୀ ରାଉତ, ବିଦ୍ୟାଧର ପଣ୍ଡା, ବାସ୍ତବ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ସାପ କାମୁଡ଼ାରେ ଯୁବକଙ୍କ ମୃତ୍ୟୁ

ସୋର, ୨୯।୧୨(ଜନ୍ମେଜୟ ମିଶ୍ର): ବାଲେଶ୍ୱର ଜିଲା ସୋର ଥାନା ମାଣିପୁର ପଞ୍ଚାୟତ ମୁଦୁପୁର ଗ୍ରାମରେ ସାପ କାମୁଡାରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ଏହି ଗ୍ରାମର ଦୟାନିଧି ମଳିକ (୪୫) ରବିବାର ଭୋର ସମୟରେ ନିକଟସ୍ଥ ଏକ ପଡିଆକୁ କୁଟା ଆଣିବାକୁ ଯାଇଥିଲେ। ଏହି ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ଦୟାନିଧି ସେଠାରେ ଚେତାଶୂନ୍ୟ ହୋଇପଡ଼ିଥିବା ବେଳେ ସକାଳେ ଗ୍ରାମବାସୀ ତାଙ୍କୁ ସେଠାରେ ମୁମୂର୍ଷୁ ଅବସ୍ଥାରେ ପଡ଼ିଥିବା ଦେଖି ତାଙ୍କ ଘର ଲୋକଙ୍କୁ ଖବର ଦେଇଥିଲେ। ପରିବାର ଲୋକେ ସେଠାରେ ପହଞ୍ଚି ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସୋର ପୋଲିସ ଶବ ଜବତ କରି ଏକ ମାମଲା(ନଂ.୯୫/୨୪) ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

# ସାର୍ବଭୌମ ଭକ୍ତ ସମ୍ମିଳନୀ ଉଦ୍‌ଯାପିତ

ଜଳେଶ୍ୱର, ୨୯।୧୨(ରବିନାରାୟଣ ପାତ୍ର): ଜଳେଶ୍ୱର ବ୍ଲକର ଓଳିନ୍ଦାର ଶାନ୍ତିନଗରସ୍ଥିତ ନିଗମାନନ୍ଦ ଆଶ୍ରମ ସମ୍ମୁଖ ପଡିଆରେ ୧୧୦ତମ ସାର୍ବଭୌମ (ଆନ୍ତର୍ଜାତୀୟ) ଭକ୍ତ ସମ୍ମିଳନୀ ରବିବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି । ଏଥିରେ ପ୍ରାୟ ୧୧ହଜାର ଶ୍ରଦ୍ଧାଳୁ ଆଶ୍ରମ ପରିସରରେ ବିଭିନ୍ନ ଶିବିରରେ ଅବସ୍ଥାନ କରିଥିବା ବେଳେ ପ୍ରତିଦିନ ଓଡିଶା, ପଶ୍ଚିମବଙ୍ଗ ବିଭିନ୍ନ ଅଞ୍ଚଳରୁ ପ୍ରାୟ ୧୦ହଜାର ଭକ୍ତ ଏଠାରେ ସମାଗମ ହୋଇଥାନ୍ତି। ଅପରାହ୍ଣରେ ସାଧାରଣ ଧର୍ମସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ସତୀଶ ଚନ୍ଦ୍ର ପଣ୍ଡା ଅଧ୍ୟକ୍ଷତା କରି ସାର୍ବଭୌମ ଭକ୍ତ ସମ୍ମିଳନୀର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ। ଆସାମ-ବଙ୍ଗୀୟ ସାରସ୍ୱତ ମଠ (ହାଲିସହର) ମହନ୍ତ ମହାରାଜ ଡ. ବ୍ରଜେଶାନନ୍ଦ ସରସ୍ୱତୀ ଧର୍ମସଭାର ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଛତିଶଗଡ ରାଜ୍ୟ ବସ୍ତର ଅଞ୍ଚଳର ମହାରାଜ କମଳଚନ୍ଦ୍ର ଭଞ୍ଜଦେଓ ଯୋଗଦେଇ ନିଗମାନନ୍ଦଙ୍କ ଦର୍ଶନ ଓ ଚିନ୍ତନ ଦ୍ୱାରା ଈଶ୍ୱର ପ୍ରାପ୍ତି ସମ୍ଭବ ବୋଲି ବିଭିନ୍ନ ଉଦାହରଣ ଦେଇ କହିଥିଲେ । ଆକାଶବାଣୀର ପୂର୍ବତନ ନିର୍ଦ୍ଦେଶକ ଡ. ଶାନ୍ତନୁ ରଥ, ମୁଖ୍ୟବକ୍ତା ଭାବେ ଯୋଗଦେଇ ନିଗମାନନ୍ଦଙ୍କ ଜୀବନୀ ଆଦର୍ଶପଥର ଉଦାହରଣ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରୀ ଆଶ୍ରମର ମହନ୍ତ ମହାରାଜ, ଶଙ୍କରାନନ୍ଦ ସରସ୍ୱତୀ, ଆନନ୍ଦ ଚରଣ ବ୍ରହ୍ମଚାରୀ, ତାରାନନ୍ଦ ସରସ୍ୱତୀ, କ୍ରିଷ୍ଣାନନ୍ଦ ସରସ୍ୱତୀ, ଇନ୍ଦୁଭୂଷଣ କର, ଧୀରେନ୍ ବରମନ, ଜଗଦାନନ୍ଦ ସରସ୍ୱତୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ପୂର୍ବତନ ଜିଲାପରିଷଦ ସଭାପତି ଗିରିଶଚନ୍ଦ୍ର ଦାସ, ଜଳେଶ୍ୱର ବିଧାୟକ ଅଶ୍ୱନୀ ପାତ୍ର ପ୍ରମୁଖ ଯୋଗଦେଇ ଉଦ୍‌ବୋଧନ ଦେଇଥିଲେ। କାର୍ଯ୍ୟକ୍ରମକୁ ବ୍ରଜବଲ୍ଲଭ ସାହୁ, ପଦ୍ମଲୋଚନ ବାରିକ, ପଦ୍ମଲୋଚନ ସାହୁ, ଗ୍ରାମ୍ୟ ମୁଖ୍ୟ ସମରବଲ୍ଲଭ ସାହୁ, ରବିନାରାୟଣ ମିଶ୍ର, ଜୟନ୍ତୀ ରାଉତ, ଅଚିନ୍ତ ଚକ୍ରବର୍ତ୍ତୀ, ଦିଲ୍ଲିପ ପଣ୍ଡା, ଭବଶଙ୍କର ଦାସମହାପାତ୍ର ପ୍ରମୁଖ ପରିଚାଳନା କରିଥିଲେ ।

# ଚୋରା ପଥରଖାଦାନରେ ଓଲଟିଲା ଟ୍ରାକ୍ଟର, ଡ୍ରାଇଭର ଗୁରୁତର

ନୀଳଗିରି, ୨୯।୧୨(ପ୍ରଶାନ୍ତ କୁମାର ବିଶ୍ୱାଳ)-ବାଲେଶ୍ୱର ଜିଲା ନୀଳଗିରି ତହସିଲ ଅଧୀନ ବାଘମରା ଚୋରା ପଥରଖାଦାନକୁ ରବିବାର ମଧ୍ୟାହ୍ନ ୧୨ଟାରେ ଏକ ଟ୍ରାକ୍ଟର ପଥର ଆଣିବା ପାଇଁ ଯାଉଥିବା ବେଳେ ଭାରସାମ୍ୟ ହରାଇ ଖାଦାନ ଭିତରେ ଓଲଟି ପଡିଥିଲା। ଏଥିରେ ଟ୍ରାକ୍ଟର ଡ୍ରାଇଭର ମହିଷାପଙ୍ଗା ଗ୍ରାମର ଡ୍ରାଇଭର ଲିପୁ ସିଂ (୩୫) ଗୁରୁତର ହୋଇଛନ୍ତି। ଏଥିରେ ତାଙ୍କର ମୁହଁରେ ଗଭୀର କ୍ଷତ ହୋଇଛି। ତାଙ୍କୁ ଉଦ୍ଧାର କରାଯାଇ ଏକ ଆମ୍ବୁଲାନ୍ସରେ ନୀଳଗିରି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଘଟଣାସ୍ଥଳକୁ ଯାଇଥିବା ବେଳେ ଟ୍ରାକ୍ଟରକୁ କୌଶଳକ୍ରମେ ଫେରାର କରି ନିଆଯାଇଥିବା ଜଣାପଡିଛି।

# କ୍ଷତିଗ୍ରସ୍ତ ଚାଷୀଙ୍କୁ ସହାୟତା ଆମର ପ୍ରାଥମିକତା: ଉପମୁଖ୍ୟମନ୍ତ୍ରୀ

ବାଲେଶ୍ୱର, ୨୯।୧୨(ବାଞ୍ଛାନିଧି ଦେ)

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ରବିବାର ଦିନିକିଆ ବାଲେଶ୍ୱର ଜିଲା ଗସ୍ତ କରି ଅଦିନିଆ ବର୍ଷାରେ ହୋଇଥିବା ଫସଲ କ୍ଷୟକ୍ଷତି ସମ୍ପର୍କରେ ଆକଳନ କରିଛନ୍ତି। ଏହାପରେ ଉପମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜିଲା ପ୍ରଶାସନ ସହିତ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା।

ପ୍ରଥମେ ଉପମୁଖ୍ୟମନ୍ତ୍ରୀ ସଦର ବ୍ଲକସ୍ଥିତ ମହାପଦା ଓ ନର୍ସିଂପୁର ପଞ୍ଚାୟତ ପରିଦର୍ଶନ କରି କୃଷକମାନଙ୍କ ସହିତ ସେମାନଙ୍କ ଫସଲ କ୍ଷୟକ୍ଷତି ବିଷୟରେ ପଚାରି ବୁଝିଥିଲେ। ସେ ଚାଷୀମାନଙ୍କ ସମସ୍ୟା ଶୁଣିବା ସହ ଅଦିନିଆ ବର୍ଷା ହେତୁ କୃଷିଜାତ ଦ୍ରବ୍ୟ ଉପରେ ପଡୁଥିବା ପ୍ରଭାବ ସମ୍ପର୍କରେ ତଥ୍ୟ ସଂଗ୍ରହ କରିଥିଲେ। ପ୍ରତ୍ୟେକ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ ସହାୟତା ଆମର ପ୍ରାଥମିକତା ବୋଲି ଉପମୁଖ୍ୟମନ୍ତ୍ରୀ କହିଥିଲେ। କ୍ଷେତ୍ର ପରିଦର୍ଶନ ପରେ ଉପମୁଖ୍ୟମନ୍ତ୍ରୀ ଜିଲା ପ୍ରଶାସନର ବରିଷ୍ଠ ଅଧିକାରୀଙ୍କ ସହ ଏକ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରି କ୍ଷୟକ୍ଷତି ଆକଳନ ପ୍ରକ୍ରିୟା ଉପରେ ଆଲୋଚନା କରିଥିଲେ। ପ୍ରଭାବିତ ଅଞ୍ଚଳଗୁଡିକୁ ପୁଙ୍ଖାନୁପୁଙ୍ଖ ଅନୁଧ୍ୟାନ କରି ତୁରନ୍ତ ରିପୋର୍ଟ ଦେବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ନିମନ୍ତେ ଫସଲ କ୍ଷୟକ୍ଷତିର ସ୍ୱଚ୍ଛ ଓ ଠିକ ଆକଳନ ପାଇଁ ଉପମୁଖ୍ୟମନ୍ତ୍ରୀ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଶାସକ ଦଳର ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ସଦର ବିଧାୟକ ମାନସ ଦତ୍ତ ଓ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ଜିଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶ, ଏସ୍‌ପି ରାଜପ୍ରସାଦ, ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଓ ଅନ୍ୟମାନେ ଉପସ୍ଥିତ ଥିଲେ।



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିଧାୟକ ଓ ଜିଲାପାଳଙ୍କ ସହ କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରୁଛନ୍ତି।

# ବରିଷ୍ଠଙ୍କ ଅନୁଭବ, ଅଭିଜ୍ଞତା ପ୍ରେରଣାଦାୟୀ



ବାର୍ଷିକ ସମ୍ମିଳନୀରେ ମଞ୍ଚାସୀନ ଅତିଥି।

## ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ସମ୍ମିଳନୀ

ଖଇରା, ୨୯।୧୨(ଉତ୍କଳବନ୍ଧୁ ପଣ୍ଡା)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ଅଷ୍ଟାଦଶ ବାର୍ଷିକ ସମ୍ମିଳନୀ ଶନିବାର କୁପାରୀ ଅମ୍ବିକା ଆଶ୍ରମ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରଫୁଲ୍ଲ କୁମାର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ଇଂ. ବନମାଳୀ ନାୟକ ମୁଖ୍ୟଅତିଥି, ଅବସରପ୍ରାପ୍ତ ପ୍ରାଧ୍ୟାପକ ଡ. ରମାକାନ୍ତ ବେହେରା ମୁଖ୍ୟବକ୍ତା ଭାବେ ଯୋଗଦେଇ ବୟସ୍କ ଓ ବରିଷ୍ଠଙ୍କ ଅନୁଭବ ଓ ଅଭିଜ୍ଞତା ସମାଜର ସବୁବର୍ଗ ବିଶେଷ କରି ଯୁବଗୋଷ୍ଠୀଙ୍କ ପାଇଁ ପ୍ରେରଣାଦାୟୀ ବୋଲି ପ୍ରକାଶ କରିଥିଲେ। ବରିଷ୍ଠ ନାଗରିକ ମଞ୍ଚର ଜିଲା ସମ୍ପାଦକ ଦାମୋଦର ବେହେରା, କୁପାରୀ ପଞ୍ଚାୟତର ସମିତିସଭ୍ୟ ଅକ୍ଷୟ କୁମାର ଜେନା ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂଘର ମୁଖପତ୍ର ଅପରାହ୍ନ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ଏହି ଅବସରରେ କୃଷି, ସମାଜସେବା, ପ୍ରଶାସନ, ଶିକ୍ଷା ଓ କଳା କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ରମାକାନ୍ତ ଚୌଧୁରୀ, ସାଗର ଚରଣ ସାହୁ, ବିଶ୍ୱନାଥ ମାଝି, କୈଳାସ ଚନ୍ଦ୍ର ପୃଷ୍ଟି, ରଘୁନାଥ ମିଶ୍ର, କନକ ମହାପାତ୍ର ଏବଂ ବରିଷ୍ଠ ସଦସ୍ୟ ସୁକାନ୍ତ ଜେନା, ନାରାୟଣ ପଣ୍ଡା, ପୁରୁଷୋତ୍ତମ ଜେନା, ରତିକାନ୍ତ ନାୟକ ତଥା ଛାତ୍ର ପ୍ରତିଭାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସୁଦର୍ଶନ ପାଣିଗ୍ରାହୀ ଅତିଥି ପରିଚୟ, ଶତ୍ରୁଘ୍ନ ଦାସ ବିବରଣୀ ପାଠ, ସୁଦର୍ଶନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ। ନାରାୟଣ ପେଡା, ତପନ ବେହେରା, ପୁଷ୍ପଲତା ଯାଦବ, ସୁଦର୍ଶନ ସାହୁ, ବସନ୍ତ ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# 'ଛାତ୍ରୀଛାତ୍ର ହିଁ ସମାଜ ପରିବର୍ତ୍ତନର ସୂତ୍ରଧର'

କାଳିପଦା, ୨୯।୧୨(ରାଜଶ୍ରୀ ପାଣିଗ୍ରାହୀ)-ବାଲିଆପାଳ ବ୍ଲକ ନୂଆଗାଁ ନିତ୍ୟାନନ୍ଦ ସରସ୍ୱତୀ ଶିଶୁମନ୍ଦିରର ୨୦ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରମଥ କୁମାର ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା, ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରଫେସର ଉମେଶ ଚନ୍ଦ୍ର ପ୍ରଧାନ, ସମ୍ମାନିତ ଅତିଥି ଭାବେ ସିଦ୍ଧି ବିନାୟକ ଅଧ୍ୟକ୍ଷ ସୁଧାଂଶୁ ପଣ୍ଡା, ଧୀରେନ୍ଦ୍ର ହାଜିରା, ଅଦୈତ ପାଢ଼ୀ, ଅନାଦି ଚରଣ ପ୍ରଧାନ, ସିଆରସିସି ବସନ୍ତ କୁମାର ରାଉତ ଅତିଥି ଭାବେ ଯୋଗଦେଇ ସମାଜ ପରିବର୍ତ୍ତନରେ ଛାତ୍ରୀଛାତ୍ର ହିଁ ସୂତ୍ରଧର ହୋଇପାରିବେ ବୋଲି କହିଥିଲେ। ପ୍ରଧାନ ଗୁରୁଜୀ ପ୍ରଭାକର ବେହେରା ବାର୍ଷିକୀ ବିବରଣୀ ପାଠ, ଶିଶୁ ମନ୍ଦିର ସମ୍ପାଦକ ରଞ୍ଜନ କୁମାର ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ବିଜୟ ପାଢ଼ୀ ମଞ୍ଚ ଆହ୍ୱାନ କରିଥିଲେ। ବିଦ୍ୟାଳୟ ଗୁରୁଜୀ ଗଦାଧର ବେହେରା,ନିଆଁଶି ରଣଜିତ, ସାଇ ବିକାଶ ବେହେରା, ଧରଣୀଧର ନାୟକ, ଉମାଶଙ୍କର ପଣ୍ଡା, ପରମାନନ୍ଦ ପରିଡ଼ା, ଗୁରୁମା ଅଞ୍ଜୁବାଳା ବେହେରା, ରଶ୍ମିତା ପାଢ଼ୀ, ଛବିରାଣୀ ପରିଡ଼ା ପ୍ରମୁଖ ପରିଚାଳନା କରିଥିଲେ। ଗୋବିନ୍ଦ ବେହେରା ଧନ୍ୟବାଦ ଦେଇଥିଲେ।

# ସୁରେନ୍ଦ୍ରନାଥ ପାଇଲେ 'ଉପେନ୍ଦ୍ରନାଥ ସମ୍ମାନ'

ସୋର ୨୯।୧୨ ଜନ୍ମେଜୟ ମିଶ୍ର)




ସୋର ଶିକ୍ଷକ ଭବନଠାରେ ଉପେନ୍ଦ୍ରନାଥ ପ୍ରଧାନ ସ୍ମୃତି ପରିଷଦ ଆନୁକୂଲ୍ୟରେ 'ଉପେନ୍ଦ୍ର ସମାରୋହ-୨୦୨୪' ଶନିବାର ଅନୁଷ୍ଠିତ ହୋଇଯାଇଛି। ପରିଷଦ ସଭାପତି ଖଗନ କୁମାର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସାମାଜିକ କର୍ମୀ ଲିଙ୍ଗରାଜ ଉପେନ୍ଦ୍ରନାଥଙ୍କ ଅବଦାନର ପ୍ରଶଂସା କରିବା ସହ ଶିକ୍ଷା ଓ ସ୍ୱାସ୍ଥ୍ୟର ଦ୍ରୁତ ବ୍ୟବସାୟୀକରଣ ନେଇ ଆମମାନଙ୍କ ନୀରବତା ଭବିଷ୍ୟତରେ ଏ ଜାତିକୁ ବହୁ ମୂଲ୍ୟ ଦେବାକୁ ପଡିବ ବୋଲି ସତର୍କ କରାଇଦେଇଥିଲେ । ବରେଣ୍ୟ ଅତିଥି ବିଶିଷ୍ଟ ପ୍ରତ୍ନତାତ୍ତ୍ୱିକ ଗବେଷକ ଅନୀଲ ଧୀର ପ୍ରତ୍ନତାତ୍ତ୍ୱିକ ଓ ଐତିହାସିକ କୀର୍ତ୍ତିରାଜିମାନଙ୍କର ଆମେ ଯଦି ଉଚିତ ସମୟରେ ସୁରକ୍ଷା ନ କରିବା ଓ ଉତ୍ତରପିଢିଙ୍କୁ ଗବେଷଣାତ୍ମକ ତଥ୍ୟ ନ ଜଣାଇବା ତେବେ ଖୁବ୍‌ଶୀଘ୍ର ଓଡ଼ିଆ ଜାତିର ଅସ୍ତିତ୍ୱ ଲୋପ ପାଇଯିବ। ଉପେନ୍ଦ୍ରନାଥଙ୍କ ପରିବାର ସଦସ୍ୟ ଭାବେ ବସନ୍ତ କୁମାର ପ୍ରଧାନ ବକ୍ତବ୍ୟ ରଖିଥିବା ବେଳେ ପ୍ରାକ୍ତନ ଅଧ୍ୟକ୍ଷ ଅଭୟ କୁମାର ମଲ୍ଲିକ ଉପେନ୍ଦ୍ରଙ୍କ ସହ ନିଜର ଅନୁଭୂତି ପ୍ରକାଶ କରିଥିଲେ। ଏହି ଅବସରରେ ୨୦୨୪ ମସିହା ଲାଗି ଉପେନ୍ଦ୍ରନାଥ ସମ୍ମାନ ସୁରେନ୍ଦ୍ରନାଥ ବାରିକଙ୍କୁ ପ୍ରଦାନ କରାଯାଇଥିଲା। ଉପେନ୍ଦ୍ରନାଥ ସ୍ମାରକୀ ଆନ୍ତଃ ବିଦ୍ୟାଳୟ ବ୍ୟାଡମିଣ୍ଟନ ପ୍ରତିଯୋଗିତାର ଚାମ୍ପିୟନ ଟ୍ରଫି ସେଣ୍ଟ ଜଭିୟର୍ସ ହାଇସ୍କୁଲ, ସୋରକୁ ଓ ରନର୍ସ ଅପ୍ ଭାବେ ଉପେନ୍ଦ୍ରନାଥ ଏକାଡେମୀ, ଖେରକୋଣାକୁ ପୁରସ୍କୃତ କରାଯାଇଥିଲା।

# ମନମୋହନ ସିଂଙ୍କ ବିୟୋଗରେ ନୀରବ ଶୋଭାଯାତ୍ରା

ଖଇରା, ୨୯।୧୨(ଉତ୍କଳବନ୍ଧୁ ପଣ୍ଡା)-ଭାରତର ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ବିଶିଷ୍ଟ ଅର୍ଥଶାସ୍ତ୍ରୀ ଡ. ମନମୋହନ ସିଂଙ୍କ ବିୟୋଗରେ ଖଇରା ବ୍ଲକର ଗଣ୍ଡିବେଡଠାରେ ଏକ ନୀରବ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଆଞ୍ଚଳିକ ଉନ୍ନୟନ ପରିଷଦ ଓ ବଣିକ ସଂଘର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ପଦଯାତ୍ରା ଗଣ୍ଡିବେଡ ଜଗନ୍ନାଥ ମନ୍ଦିରରୁ ବାହାରି ଆଇବି ପର୍ଯ୍ୟନ୍ତ ଯାଇଥିଲା। ଏଥିରେ ବହୁ ବ୍ୟବସାୟୀ ଓ ସାଧାରଣ ଲୋକ ସାମିଲ ହୋଇଥିଲେ।

## ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମେଳା

# ୭ଶହ ଚାଷୀ ସାମିଲ

## ପ୍ରଦର୍ଶିତ ହେଲା ୪୨ ଷ୍ଟଲ୍

ବାଲେଶ୍ୱର, ୨୯।୧୨(ବାଞ୍ଛାନିଧି ଦେ)

ଓଡ଼ିଶା ସରକାରଙ୍କ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ଆନୁକୂଲ୍ୟରେ ବାଲେଶ୍ୱର ପୋଲିସ ଲାଇନ୍ ପଡ଼ିଆରେ ଜିଲାସ୍ତରୀୟ ମତ୍ସ୍ୟ ଓ ପ୍ରାଣୀସମ୍ପଦ ମେଳା ଶନିବାର ଶୁଭାରମ୍ଭ ହୋଇଛି। ଏହି ମେଳାରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ ତରଫରୁ ୪୨ଟି ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା। ୩୫୦ମତ୍ସ୍ୟଚାଷୀ ଓ ୩୫୦ ପ୍ରାଣୀସମ୍ପଦ ଚାଷୀ ଏଥିରେ ଅଂଶଗ୍ରହଣ କରିଥିଲେ।

ସରକାରୀ ଦଳ ଉପ ମୁଖ୍ୟସଚେତକ ତଥା ରେମୁଣା ବିଧାୟକ ଗୋବିନ୍ଦ ଚନ୍ଦ୍ର ଦାସ, ବାଲେଶ୍ୱର ବିଧାୟକ ମାନସ କୁମାର ଦତ୍ତ, ଜଳେଶ୍ୱର ବିଧାୟକ ଅଶ୍ୱିନୀ କୁମାର ପାତ୍ର, ଜିଲା ପରିଷଦ ସଭାପତି ନାରାୟଣ ଚନ୍ଦ୍ର ପ୍ରଧାନ, ଅତିରିକ୍ତ ଜିଲାପାଳ ସୁଧାର ନାୟକ, ଡିଆଇଜି ଡା. ସତ୍ୟଜିତ୍ ନାୟକ ପ୍ରମୁଖ ଏହି ମେଳାରେ ଯୋଗଦେଇ ବିଭିନ୍ନ ଷ୍ଟଲ ପରିଦର୍ଶନ କରିଥିଲେ। ସିଡିଭିଓ ଡା. ଦେବେନ୍ଦ୍ର କୁମାର ସୋଲାଙ୍କି ଓ ଜିଲା ମତ୍ସ୍ୟ ଅଧିକାରୀ ଜିତେନ୍ଦ୍ର କୁମାର ବେହେରାଙ୍କ ସମେତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ମନମୋହନ ସିଂହଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯିବା ସହ ଅତିଥିମାନେ ତାଙ୍କ ଫଟୋଚିତ୍ରରେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଚାଷୀ ଓ ବୈଜ୍ଞାନିକଙ୍କ ମଧ୍ୟରେ ଏକ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ବିଭାଗ ପକ୍ଷରୁ ମତ୍ସ୍ୟ, ପ୍ରାଣୀ ସମ୍ପଦ, କୃଷି ଉଦ୍ୟୋଗ, ଉଦ୍ୟାନ କୃଷି, ମିଶନ ଶକ୍ତି, ମୁଖ୍ୟମନ୍ତ୍ରୀ କାମଧେନୁ ଯୋଜନା, ଗୋଶାଳା ସମ୍ପର୍କିତ ବିଭିନ୍ନ ଷ୍ଟଲ୍ ପ୍ରଦର୍ଶିତ ହୋଇଥିଲା।



ବାଲେଶ୍ୱର ବିଧାୟକ ମାନସ ଦତ୍ତ ଏକ ଷ୍ଟଲ୍ ପରିଦର୍ଶନ କରୁଛନ୍ତି।

# ସନ୍ତରାଗଡ଼ିଆ ନୋଡ଼ାଲ ହାଇସ୍କୁଲର ହୀରକ ଜୟନ୍ତୀ

ପଞ୍ଚଲିଙ୍ଗେଶ୍ୱର, ୨୯।୧୨ (ଲେଲିନ୍ କୁମାର ଦେ)

ବାଲେଶ୍ୱର ଜିଲା ଔପଦା ବ୍ଲକ ଅଧୀନ ସନ୍ତରାଗଡିଆ ନୋଡାଲ ହାଇସ୍କୁଲର ହୀରକ ଜୟନ୍ତୀ ଉଦ୍‌ଘାଟିତ ହୋଇଯାଇଛି। ପୁରାତନ ଛାତ୍ର ସଂସଦର ସଦସ୍ୟାସଦସ୍ୟ ଓ ସନ୍ତରାଗଡ଼ିଆ ଅଞ୍ଚଳବାସୀ ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିବା ପରେ ଆଜ୍ଞାମାଳ ଆଣି ଏକ ବିଶାଳ ବାଇକ ଶୋଭାଯାତ୍ରାରେ ନୀଳଗିରି ବସ୍‌ଷ୍ଟାଣ୍ଡରୁ ଈଶ୍ୱରପୁର ବଉଳଗଡ଼ିଆ ପରିକ୍ରମା କରି ସନ୍ତରାଗଡ଼ିଆ ନୋଡ଼ାଲ ହାଇସ୍କୁଲରେ ପହଞ୍ଚିଥିଲେ। ପୂର୍ବତନ ଜିଲା ଉପସ୍ୱାସ୍ଥ୍ୟ ଅଧିକାରୀ ମୃତ୍ୟୁଞ୍ଜୟ ମିଶ୍ର ହୀରକ ଜୟନ୍ତୀକୁ ଉଦ୍‌ଘାଟନ କରିବା ପରେ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଏଥିରେ ୯୭ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ୭ରୁ ଉର୍ଦ୍ଧ୍ୱ ଡାକ୍ତରଙ୍କ ସହାୟତାରେ ଏକ ସ୍ୱାସ୍ଥ୍ୟ ଶିବିରରେ ସହସ୍ରାଧିକ ଅଞ୍ଚଳବାସୀ ମାଗଣା ଔଷଧ ସହିତ ସ୍ୱାସ୍ଥ୍ୟସେବା ପାଇଥିଲେ। ସନ୍ଧ୍ୟାରେ ଆଇନଜୀବୀ ଅମରେନ୍ଦ୍ର ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ତ୍ରିଦିବସୀୟ ହୀରକ ଜୟନ୍ତୀ ସମାରୋହର ପ୍ରଥମ ସନ୍ଧ୍ୟାରେ ସମ୍ପାଦକ ଡ. ଅକ୍ଷୟ କୁମାର ପାଣିଗ୍ରାହୀ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ସ୍କୁଲ ଅବସରପ୍ରାପ୍ତ ଶିକ୍ଷକ ରାଧାକୃଷ୍ଣ ଦାସ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଶରତ ଚନ୍ଦ୍ର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଚନ୍ଦ୍ରବିନ୍ଦୁ ଦାସ, ସମ୍ମାନିତ ବକ୍ତା ଭାବେ ଏଫ୍‌ଏମ୍ ୟୁନିଭରସିଟି ପିଜି କାଉନସିଲ ଅଧ୍ୟକ୍ଷ ଭାସ୍କର ଚନ୍ଦ୍ର ବେହେରା ବକ୍ତବ୍ୟ ପ୍ରଦାନ କରିଥିଲେ। ଅତିଥି ଭାବେ ଅଭୟ କୁମାର ମିଶ୍ର, ସମ୍ମାନିତ ବକ୍ତା ଭାବେ ଭାସ୍କର ଚନ୍ଦ୍ର ବେହେରା ଉପସ୍ଥିତ ରହି ଉଦ୍‌ବୋଧନ ଦେଇଥିଲେ। ଦ୍ୱିତୀୟ ଦିବସରେ ପୁରାତନ ଛାତ୍ର ସଂସଦର ସଦସ୍ୟାସଦସ୍ୟମାନେ ସ୍କୁଲ ପରିସରରେ ବୃକ୍ଷରୋପଣ କରିଥିଲେ। ନୂଆ କରି ଗଢ଼ାଯାଇଥିବା ଅଶୋକ ସ୍ତମ୍ଭର ଉଦ୍‌ଘାଟନ କରିଥିଲେ ବରିଷ୍ଠ ପୁରାତନ ଛାତ୍ର ଜଗବନ୍ଧୁ ସ। ପୁରାତନ ଛାତ୍ର ସଂସଦ ତରଫରୁ ଅନୁଷ୍ଠିତ ସଭାରେ ସଭାପତିତ୍ୱ କରିଥିଲେ ଅମରେନ୍ଦ୍ର ପଟ୍ଟନାୟକ। ସମ୍ପାଦକ ଡକ୍ଟର ଅକ୍ଷୟ କୁମାର ପାଣିଗ୍ରାହୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଉଦଘାଟକ ଅବସରପ୍ରାପ୍ତ ଜିଲା ସ୍ୱାସ୍ଥ୍ୟ ଅଧିକାରୀ ଡକ୍ଟର ଅଜୟ କୁମାର ମିଶ୍ର ଯୋଗ ଦେଇଥିଲେ। ମୁଖ୍ୟଅତିଥି ଭାବେ ଏଫଏମ୍ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି କୁମାରବର ଦାସ, ମୁଖ୍ୟବକ୍ତା ଚାନ୍ଦିପୁର କ୍ଷେପଣାସ୍ତ୍ର ଘାଟିର ଅତିରିକ୍ତ ଉପନିର୍ଦ୍ଦେଶକ ଡକ୍ଟର ନୀଳାଦ୍ରି ରଏ, ସମ୍ମାନିତ ବକ୍ତା ଭାବେ ରାଧାରଞ୍ଜନ ପଟ୍ଟନାୟକ, ଉପସଭାପତି ହିମାଂଶୁ ଶେଖର ସେନାପତି, ସହ ସମ୍ପାଦକ ପ୍ରଶାନ୍ତ କୁମାର ସ୍ୱାଇଁ ବକ୍ତବ୍ୟ ଦେଇଥିଲେ। ହରିହର ଫାଉଣ୍ଡେଶନ ତରଫରୁ ଚଳିତବର୍ଷ ଦଶମ ଶ୍ରେଣୀରେ ପ୍ରଥମ ହୋଇଥିବା ଉମ୍ରଜ୍ୟୋତି ପରିଡା ଏବଂ ଗତବର୍ଷର ଅମୃତାଂଶୁ ପାଣିଗ୍ରାହୀ ୫ହଜାର ଟଙ୍କା ଲେଖାଏ ପୁରସ୍କାର ଦିଆଯାଇଥିଲା।




ସନ୍ତରାଗଡିଆ ହାଇସ୍କୁଲର ହୀରକ ଜୟନ୍ତୀ ଦ୍ୱିତୀୟ ସନ୍ଧ୍ୟାରେ ମଞ୍ଚାସୀନ ଅତିଥି।

# ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ରଜତ ଜୟନ୍ତୀ

ଭୋଗରାଇ, ୨୯।୧୨( ପ୍ରଦୀପ ଦାସ):

ନାରୀ କୌଣସି ଗୁଣରେ କମ୍ ନୁହନ୍ତି। ସମାଜରେ ନାରୀ ପୁରୁଷ ଗୋଟିଏ ମୁଦ୍ରାର ୨ଟି ପାର୍ଶ୍ୱ ହୋଇଥିବା ବେଳେ ପୁରୁଷ ପ୍ରଧାନ ଦେଶରେ ନାରୀଙ୍କ ସମାନ ଅଧିକାର ରହିଛି। ନାରୀ ଶିକ୍ଷିତା ହେଲେ ପରିବାର ଶିକ୍ଷିତ ହୁଏ ବୋଲି ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଅଗ୍ରଣୀ ଶିକ୍ଷାନୁଷ୍ଠାନ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୋଗରାଇ, ରଜତ ଜୟନ୍ତୀ ସମାରୋହରେ ବିଶିଷ୍ଟ ଅତିଥିମାନେ ଶନିବାର ଅପରାହ୍ଣରେ ମତ ପ୍ରକାଶ କରିଛନ୍ତି। ରଜତ ଜୟନ୍ତୀ କମିଟି ପକ୍ଷରୁ ଏହି ସମାରୋହକୁ ମୁଖ୍ୟଅତିଥି ଭାବେ ବିଧାୟକ ଗୌତମବୁଦ୍ଧ ଦାସ ଉଦଘାଟନ କରିଥିଲେ। ଉକ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା କଳ୍ପନାରାଣୀ ଭଞ୍ଜ ସଭାପତିତ୍ୱ କରିଥିଲେ। ଛାତ୍ରୀମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରାରେ ବର୍ଣ୍ଣାଢ୍ୟ ଉତ୍ସବର ଶୁଭାରମ୍ଭ ହୋଇଥିଲା। ଲେଖିକା ଗୀତିମାଧୁରୀ ପଣ୍ଡା ମଙ୍ଗଳା ଚରଣ କରିଥିଲେ। ଛାତ୍ରୀମାନେ ସ୍ୱାଗତ ସଙ୍ଗୀତ ଗାନ ପରେ ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ମତ ରଖିଥିଲେ ଅଧ୍ୟାପକ ରାଜୀବ ଲୋଚନ ପରିଡା। ଅଧ୍ୟାପକ ରାମଚନ୍ଦ୍ର ଭଞ୍ଜ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥି ଭାବେ ବିଧାୟକ ଦାସ, ମୁଖ୍ୟବକ୍ତା ଭାବେ ଶ୍ୟାମସୁନ୍ଦର ସଂସ୍କୃତ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ଼ଃ ସତୀଶ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ଦମୟନ୍ତୀ ସାହୁ, ସରପଞ୍ଚ ସୁଷମା କର ପ୍ରମୁଖ ନାରୀ ଜାଗରଣ ପାଇଁ ଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟକ ଅନନ୍ତ ଦାସ ଓ ସାମାଜିକ କର୍ମୀ ପ୍ରତିମା ପାତ୍ରଙ୍କୁ ରଜତ ଜୟନ୍ତୀ କୀର୍ତ୍ତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅତିଥି ଗଣ ଅନୁଷ୍ଠାନ ମୁଖପତ୍ର ସ୍ୱପ୍ନବେଳା ସ୍ମରଣିକାକୁ ଉନ୍ମୋଚନ କରିଥିଲେ। ଉତ୍ସବ କମିଟିର ସଦସ୍ୟ ଶକ୍ତିପଦ ଜେନା ଧନ୍ୟବାଦ ଦେଇଥିଲେ। ପରେ ଛାତ୍ରୀମାନଙ୍କ ଦ୍ୱାରା ନୃତ୍ୟ, ସଙ୍ଗୀତ ଓ ନାଟକ ଝିମିଟି ଖେଳରୁ ମହାଭାରତ ଦର୍ଶକଙ୍କୁ ମନମୁଗ୍ଧ କରିଥିଲା।

# ନେହେରୁ ଯୁବକେନ୍ଦ୍ର ସଙ୍ଗଠନର କ୍ରୀଡ଼ା ପ୍ରତିଯୋଗିତା



ବାଙ୍ଗିରିପୋଷି, ୨୯।୧୨ (ସଞ୍ଜୟ କୁମାର ଅଗ୍ରୱାଲା)

ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ନେହେରୁ ଯୁବକେନ୍ଦ୍ର ସଙ୍ଗଠନ ପକ୍ଷରୁ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ମା' ଶୀତଳା ଉଚ୍ଚବିଦ୍ୟାଳୟର ପୂର୍ବତନ ଖେଳ ଶିକ୍ଷକ ଶିରିଶ ଚନ୍ଦ୍ର ସାହୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଡଃ ନିରୁପମା ପଣ୍ଡା, ବାଙ୍ଗିରିପୋଷି ଏନଏମ ସଜସ୍ୱିନୀ ମାହାନ୍ତି, ସାମାଜିକ କର୍ମୀ ଶାନ୍ତନୁ ଦାଶ, ଶିକ୍ଷକ ରମେଶ ସିଂ, ବାଙ୍ଗିରିପୋଷି ଡ୍ରାଇଭର ସଂଘ ପକ୍ଷରୁ ନଟବର ଗିରି ଉପସ୍ଥିତ ଥିଲେ। ଏମ୍‌ଆରଡିସି ବାଙ୍ଗିରିପୋଷିର ପରିଚାଳକ ରବୀନ୍ଦ୍ର ନାଥ ସେଠୀ, ସର୍ବେଶ୍ୱର ବେହେରା, ସୌମିତ୍ର ରଣା, ନରେନ୍ଦ୍ର ମୁର୍ମୁ, ଗଜେନ୍ଦ୍ର ମୁଣ୍ଡା, ବୁଦ୍ଧିଆ ନାଏକ, ଶରତ ଚନ୍ଦ୍ର ବେହେରା, ହରିଶ ଚନ୍ଦ୍ର ନାଏକ ଉପସ୍ଥିତ ଥିଲେ। ଫୁଟବଲ ଖେଳରେ ୧୨ଟି ଦଳ ଭାଗ ନେଇଥିଲେ। ଘଟିଡୁବା ଓ ଅସନା ଫୁଟବଲ ଦଳ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ଘଟିଡୁବା ଦଳ ଚାମ୍ପିୟନ ହୋଇଥିଲା। ବାଳିକା ବିଭାଗର ମନ୍ଥର ସାଇକେଲ ଚାଳନାରେ ମନିକା ସିଂ ପ୍ରଥମ, ପାନମଣି ମାରାଣ୍ଡି ଦ୍ୱିତୀୟ, କାପୁରା ମୁର୍ମୁ ତୃତୀୟ ସ୍ଥାନରେ ରହିଥିଲେ। କବାଡ଼ି ବାଳିକା ବିଭାଗରେ ବାଙ୍ଗିରିପୋଷି ଏସ୍‌ଟି ହଷ୍ଟେଲ (ଏ) ପ୍ରଥମ, ବାଙ୍ଗିରିପୋଷି ଏସ୍‌ଟି ହଷ୍ଟେଲ (ବି) ଦ୍ୱିତୀୟ ହୋଇଥିଲା। ବଙ୍କଳ ବିଭାଗର କୁସ୍ତି ପ୍ରତିଯୋଗିତାରେ କାଟରମାର ଖଦେଶ୍ୱର ମୁର୍ମୁ ପ୍ରଥମ, ଆତନା ବେଡ଼ା ଭୀମ ବାନରା ଦ୍ୱିତୀୟ ହୋଇଥିଲେ। ଉଦ୍‌ଯାପନୀ ଉତ୍ସବରେ ଡ. ଭାର୍ଗବୀ ବେହେରା ଖେଳ ଶୁଭାରମ୍ଭ କରିଥିବା ବେଳେ ବାରିପଦାର ପୂର୍ବ ଭାରତର ସାଦକ ପ୍ରତିମା ବାରିକ, ଖବରଦାତା ଆଲୋକ ସ୍ୱାଇଁ, ବାଙ୍ଗିରିପୋଷିର ପୂର୍ବତନ ଫୁଟ୍‌ବଲ ଖେଳାଳି ହରିଶଚନ୍ଦ୍ର ନାଏକ ଉପସ୍ଥିତ ଥିଲେ। ବିଜେତାଙ୍କୁ ଅତିଥିଙ୍କ ଦ୍ୱାର ପୁରସ୍କାର ପ୍ରଦାନ କରାଯାଇଥିଲା।

